

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:95+ 28 July 2026 (Tuesday)+Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୯୫+୨୮ ଜୁଲାଇ ୨୦୨୬ (ମଙ୍ଗଳବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬


## ଇସ୍ତଫା ପରେ ପ୍ରଥମ ଥର ସଂସଦରେ ଧର୍ମେନ୍ଦ୍ର ପ୍ରଧାନ
## ଏନଡିଏ ସାଂସଦଙ୍କ ଜୋରଦାର ସ୍ୱାଗତ



ନୂଆଦିଲ୍ଲୀ,୨୭।୭: ସଂସଦର ମନସୁନ୍ ଅଧିବେଶନ ଚାଲିଥିବା ବେଳେ ଆଜି ଏକ ବଡ଼ ରାଜନୈତିକ ଘଟଣାକ୍ରମ ଦେଖିବାକୁ ମିଳିଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ ସୋମବାର, ୨୭ ଜୁଲାଇ ଦିନ ପ୍ରଥମ ଥର ପାଇଁ ସଂସଦରେ ପହଚିଂଛନ୍ତି । ସଂସଦ ପରିସରରେ ପହଚିଂବାକ୍ଷଣି ଭାରତୀୟ ଜନତା ପାର୍ଟି ଏବଂ ଏନଡିଏ ସାଂସଦମାନେ ମକର ଦ୍ୱାର ନିକଟରେ ତାଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ନେତାମାନେ 'ଧର୍ମେନ୍ଦ୍ର ପ୍ରଧାନ ଜିନ୍ଦାବାଦ' ନାରା ଦେଇଥିବା ବେଳେ ବିଜେପି ସାଂସଦ ସଞ୍ଜୟ ଜାୟସୱାଲ ତାଙ୍କୁ ପଗଡ଼ି ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ । ଧର୍ମେନ୍ଦ୍ର ପ୍ରଧାନ ସେଠାରେ ପହଚିଂବା ପୂର୍ବରୁ ହିଁ ବିଜେପି ସାଂସଦମାନେ ମକର ଦ୍ୱାର ନିକଟରେ ଏକାଠି ହୋଇ ତାଙ୍କୁ ଅପେକ୍ଷା କରି ରହିଥିଲେ । ସେ ସଂସଦ ପରିସରକୁ ପ୍ରବେଶ କରିବା ମାତ୍ରେ ଦଳୀୟ ସାଂସଦମାନେ ତାଙ୍କୁ ଭିତରକୁ ପାଛୋଟି ନେଇଥିଲେ ଏବଂ ଏକତା ପ୍ରଦର୍ଶନ କରି ଏକ ସ୍ୱତନ୍ତ୍ର ଟୋପି ମଧ୍ୟ ଭେଟି ଦେଇଥିଲେ । କହିରଖୁ କି, ଗତ ୨୫ ଜୁଲାଇ ଦିନ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ପେପର ଲିକ୍‌କୁ ନେଇ ଛାତ୍ରମାନଙ୍କ ଦେଶବ୍ୟାପୀ ଚାଲିଥିବା ବିରୋଧ ପ୍ରଦର୍ଶନର ସୁଯୋଗ ନେବାକୁ ଚେଷ୍ଟା କରୁଥିବା 'ରାଷ୍ଟ୍ର-ବିରୋଧୀ ଶକ୍ତି'ଗୁଡ଼ିକୁ ରୋକିବା ପାଇଁ ସେ ଏହି ନିଷ୍ପତ୍ତି ନେଇଥିବା କହିଥିଲେ । ଲଗାତାର ବିରୋଧ ପ୍ରଦର୍ଶନ ଏବଂ ବଢୁଥିବା ରାଜନୈତିକ ଚାପ ମଧ୍ୟରେ ଏନଡିଏର କୌଣସି ବରିଷ୍ଠ ମନ୍ତ୍ରୀଙ୍କ ଏପରି ଇସ୍ତଫା ଦେବା ଏକ ବିରଳ ଘଟଣା ଥିଲା । ଆନ୍ଦୋଳନକାରୀ ତଥା କେନ୍ଦ୍ର ସରକାରଙ୍କ ମଧ୍ୟରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ଆଲୋଚନାର କିଛି ଘଂଟା ପୂର୍ବରୁ ଏହି ପଦକ୍ଷେପ ନିଆଯାଇଥିଲା ।

## ପେପର ଲିକ୍ ରୋକିବାକୁ ଆସିଲା ବିଲ୍...
### ବିରୋଧୀଙ୍କ ହଙ୍ଗାମା ଭିତରେ ଲୋକସଭାରେ ହେଲା ଆଗତ



ନୂଆଦିଲ୍ଲୀ,୨୭/୭: ପ୍ରଶ୍ନପତ୍ର ଲିକ୍ ରୋକିବାକୁ ସଂସଦରେ ନୂଆ ବିଲ୍ ଆସିଛି । ହଙ୍ଗାମା ଭିତରେ ଲୋକସଭାରେ ପାରିତ ହୋଇଛି ଆଂଟି ପେପର ଲିକ୍ ବିଲ । ବିରୋଧୀଙ୍କ ହୋହଲ୍ଲା, ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନପତ୍ର ନିରୋଧୀ ବିଲ୍ ଉପସ୍ଥାପିତ କରିଛନ୍ତି ସରକାର । ଲୋକସଭାରେ ବିଧେୟକକୁ ଆଗତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ । ବଲ୍ ? ଆଗତ ସମୟରେ ବିରୋଧୀ ପ୍ରବଳ ହୋହାଲ୍ଲା କରିଥିଲେ । ଏହା ପରେ ଅପରାହ୍ଣ ୨ଟା ଯାଏ ଲୋକସଭାକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି ଓମ୍ ବିର୍ଲା । ଉପସ୍ଥାପିତ ପେପର ଲିକ୍ ନିରୋଧୀ ବିଲରେ ୧୦ କୋଟିର ଜରିମାନା ସହ ୧୦ ବର୍ଷର ଜେଲଦଣ୍ଡ ବ୍ୟବସ୍ଥା ରହିଛି । ଆଂଟି ପେପର ଲିକ୍ ବିଲ୍ ଆଗତକୁ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସାରା ଦେଶରେ ଛାତ୍ରମାନଙ୍କ ଦ୍ୱାରା ଉଠାଯାଇଥିବା ଚିନ୍ତାକୁ ଦୃଷ୍ଟିରେ ରଖି, ପେପର ଲିକ୍ ଭଳି ସମସ୍ୟାର ସମାଧାନ ପାଇଁ ଲୋକସଭାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରାଯାଇଛି । ତଥାପି, କଂଗ୍ରେସ ଦଳ ଏବଂ କିଛି ବିରୋଧୀ ସଦସ୍ୟ ଏହା ଉପରେ ଆଲୋଚନା କରିବାକୁ ମନା କରୁଛନ୍ତି । ସେମାନେ ଏକ ଅଶାନ୍ତି ସୃଷ୍ଟି କରୁଛନ୍ତି । ମୁଁ ସେମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଜି ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ବିଚାର କରିବାକୁ ନିବେଦନ କରୁଛି । ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ ପଦକ୍ଷେପ ଘୋଷଣା କରାଯାଇଛି, ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି, ଏବଂ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଏବଂ ଭବିଷ୍ୟତରେ ଯେପରି କୌଣସି ଲିକ୍ ନହୁଏ ତାହା ନିଶ୍ଚିତ କରିବା ପାଇଁ ଏକ ବିପ୍ଳବୀ ବିଲ୍ ଆଗତ କରାଯାଇଛି । ପେପର ଲିକ୍ ସମ୍ପୃକ୍ତ ଥିବା ଯେକୌଣସି ବ୍ୟକ୍ତିଙ୍କୁ କଠୋର ଏବଂ ସମୟସୀମା ମଧ୍ୟରେ ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଛି । ଏସବୁ ପଦକ୍ଷେପ ପରେ ମଧ୍ୟ ଯଦି ଆଲୋଚନାକୁ ଅନୁମତି ଦିଆଯାଏ ନାହିଁ, ତେବେ ଏହା ଭୁଲ ବାର୍ତ୍ତା ଦେବ । ମୁଁ ପୁଣି ଥରେ କଂଗ୍ରେସ ଦଳକୁ ଦେଶ ଏବଂ ଛାତ୍ରଙ୍କ ଭାବନାକୁ ବୁଝିବାକୁ ଅନୁରୋଧ କରୁଛି... ସଂସଦରେ ନୁହେଁ ତେବେ ଆମେ ଏହି ପ୍ରସଙ୍ଗଗୁଡ଼ିକ ଉପରେ ଆଉ କେଉଁଠାରେ ବିତର୍କ ଏବଂ ଆଲୋଚନା କରିପାରିବୁ ? ମୁଁ କଂଗ୍ରେସ ଦଳ ଏବଂ ଆମର ବିରୋଧୀ ଦଳ ସହକର୍ମୀଙ୍କୁ ପୁଣି ଥରେ ନିବେଦନ କରୁଛି ।

## ଯୁଦ୍ଧ ସାମୟିକ ସ୍ଥଗିତ ରଖିଲା ଆମେରିକା



ୱାଶିଂଟନ,୨୭/୭: ଇରାନ ବିରୋଧରେ ଆମେରିକା ଚଳାଇଥିବା ଯୁଦ୍ଧକୁ ସ୍ଥଗିତ ରଖିବା ଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଇରାନ ବିରୋଧରେ ଆମେରିକା କ୍ରମାଗତ ୧୩ ଦିନ ଧରି ଯୁଦ୍ଧ ଚଳାଇଆସିଥିଲାବେଳେ ରବିବାର ଏହାକୁ ସାମୟିକ ସ୍ଥଗିତ ରଖାଯାଇଛି। ଉଭୟ ଦେଶ ମଧ୍ୟରେ କୂଟନୈତିକ ଆଲୋଚନା ତ୍ୱରାନ୍ୱିତ ହେବା, ଆମେରିକା ପ୍ରତିରକ୍ଷା ଭଣ୍ଡାରରେ କ୍ଷେପଣାସ୍ତ୍ର ପରିମାଣ ହ୍ରାସ ପାଇବା ଓ ଏକ ବ୍ୟାପକ ଆଂଚଳିକ ଯୁଦ୍ଧର ଆଶଙ୍କା ଯୋଗୁଁ ୱାଶିଂଟନ ଏହି ନିଷ୍ପତ୍ତି ନେଇଥିବା ଜଣାଯାଇଛି। ହର୍ମୁଜ ପ୍ରଣାଳୀ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳ ସୁରକ୍ଷିତ କରିବା ପାଇଁ ଓମାନର ଏକ ପ୍ରତିନିଧିମଣ୍ଡଳୀ ତେହେରାନରେ ଇରାନର ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦର୍ଶାଇଛନ୍ତି ଯେ ସେ କୂଟନୈତିକ ବାଟରେ ସମାଧାନ ଚାହୁଁଛନ୍ତି। ତେବେ ସେନାକୁ ସଜାଗ ରଖାଯାଇଛି ଓ ଆଲୋଚନା ବିଫଳ ହେଲେ ଆକ୍ରମଣ ପୁଣି ଆରମ୍ଭ କରାଯାଇପାରେ। ହ୍ୱାଇଟ୍ ହାଉସ୍ ଟ୍ରମ୍ପଙ୍କ ଏହି ଯୁଦ୍ଧବନ୍ଦ ନିଷ୍ପତି ସମ୍ପର୍କରେ କିଛି ସ୍ପଷ୍ଟ କରି ନାହିଁ। ମାତ୍ର ହ୍ୱାଇଟ୍ ହାଉସ୍ ଯୋଗାଯୋଗ ନିର୍ଦ୍ଦେଶକ ଷ୍ଟିଭେନ୍ ଚେୟୁଙ୍ଗ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ କୂଟନୈତିକ ସମାଧାନ ସପକ୍ଷରେ ରହିଛନ୍ତି। ଇରାନ ଯଦି ହର୍ମୁଜ ପ୍ରଣାଳୀ କିମ୍ବା ଆମେରିକାର ସହଯୋଗୀ ରାଷ୍ଟ୍ର ଉପରେ ଆକ୍ରମଣ ଜାରି ରଖେ ତେବେ ଏହାର ଜବାବ ଦେବାକୁ ସେନାକୁ ସଜାଗ ରହିବାକୁ କୁହାଯାଇଛି। ପେଟାଂଗନର ବରିଷ୍ଠ ସାମରିକ ଅଧିକାରୀମାନେ ଚେତାବନୀ ଦେଇଛନ୍ତି ଯେ ଲଗାତାର ସଂଘର୍ଷ ଯୋଗୁଁ ଆମେରିକାର ପାଟ୍ରିଅଟ୍ ଆଂଟି-ମିସାଇଲ୍ ଇଂଟରସେପ୍ଟର ଭଣ୍ଡାର ଦ୍ରୁତ ଗତିରେ ଶେଷ ହେବାକୁ ବସିଲାଣି । ମଧ୍ୟପ୍ରାଚ୍ୟରେ ଗତ କିଛି ମାସ ମଧ୍ୟରେ ୧,୨୦୦ରୁ ଅଧିକ ପାଟ୍ରିଅଟ୍ ଇଂଟରସେପ୍ଟର ବ୍ୟବହୃତ ହୋଇସାରିଥିବାରୁ ଆହୁରି ଯୁଦ୍ଧ ବଢ଼ାଇବା ଦ୍ୱାରା ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ଘାଟି ଓ ସୈନ୍ୟଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇପାରେ।

## ଜନତା ଦରବାରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ:



### ସିଧାସଳଖ ଶୁଣିଲେ ଲୋକଙ୍କ ଦୁଃଖ ଓ ସମସ୍ୟା

ଭୁବନେଶ୍ୱର,୨୭/୭(ନି/ପ୍ର): ରାଜଧାନୀରେ ବସିଲା ମୁଖ୍ୟମନ୍ତ୍ରୀ ଜନତା ଦରବାର । ଭୁବନେଶ୍ୱର ସ୍ଥିତ ୟୁନିଟ-୨ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ସମସ୍ୟା ବୁଝିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ ଲୋକଙ୍କ ଦୁଃଖ ବୁଝିବା ସହ ସେମାନଙ୍କର ସମସ୍ୟ ଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ବରିଷ୍ଠ ମନ୍ତ୍ରୀମାନେ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ସୂଚନା ଅନୁଯାୟୀ, ସୋମବାର ସକାଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଖୋଲିଥିଲା । ସେଠରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ସେଠାରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଯୋଗ ପ୍ରକୋଷ୍ଠରେ ପହଚିଂବା ପରେ ପ୍ରଥମେ ଦିବ୍ୟାଙ୍ଗ, ଭିନ୍ନକ୍ଷମ ଅଭିଯୋଗକାରୀଙ୍କୁ ଭେଟିଥିଲେ । ସେମାନଙ୍କ ଅଭିଯୋଗ ଶୁଣି ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୁଷଣ ଜେନା, ପଚାଂୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ,ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

### ପ୍ରଶ୍ନପତ୍ର ଲିକ୍ ରୋକିବାକୁ ପ୍ରୟାସ :
## ପରୀକ୍ଷା ସଂସ୍କାର ପାଇଁ ଟାସ୍କଫୋର୍ସ, ନନ୍ଦନ ନିଲେକାନି ଅଧ୍ୟକ୍ଷ



ନୂଆଦିଲ୍ଲୀ,୨୭/୭: ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଶନିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ପ୍ରତ୍ୟାହାର ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପରୀକ୍ଷାରେ ସଂସ୍କାର ଆଣିବା ଲାଗି ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ନନ୍ଦନ ନିଲେକାନିଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଟାସ୍କଫୋର୍ସ ଗଠନ କରିଛନ୍ତି। ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ଏକ ଭିଡିଓ ଜାରି କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଭାରତ ସରକାର ନିରବଚ୍ଛିନ୍ନ ଭାବେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଯେଉଁମାନେ ଛାତ୍ରଙ୍କ ଭବିଷ୍ୟତ ସହିତ ଖେଳିଛନ୍ତି ସେମାନେ ଜେଲ୍‌ରେ ଅଛନ୍ତି। ଆମେ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରି ସାରିଛୁ। ସଂସଦରେ ଅଧିକ କଠୋର ଆଇନ ପ୍ରଣୟନ କରିବା ଦିଗରେ ଆମେ ଆଗକୁ ବଢୁଛୁ। ଏହା ସତ୍ୱେ ଆମକୁ ଭବିଷ୍ୟତ ଦେଖିବାକୁ ହେବ। ଆମର ପରୀକ୍ଷା ବ୍ୟବସ୍ଥା ବିଶ୍ୱସନୀୟ ଓ ସ୍ୱଚ୍ଛ ହେବା ଆବଶ୍ୟକ। ଏଥିରେ ସର୍ବାଧିକ ମାତ୍ରାରେ ପ୍ରଯୁକ୍ତିର ବ୍ୟବହାର ହେବା ଦରକାର। ଏସବୁ ବିଷୟକୁ ଦୃଷ୍ଟିରେ ରଖି ଆମେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରଯୁକ୍ତି ବିଶେଷଜ୍ଞ ନନ୍ଦନ ନିଲେକାନିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚକ୍ଷମତାସମ୍ପନ୍ନ ଟାସ୍କଫୋର୍ସ ଗଠନ ପାଇଁ ନିଷ୍ପତି ନେଇଛୁ। ଏହି ଟାସ୍କଫୋର୍ସ ପରୀକ୍ଷା ସଂସ୍କାର ଉପରେ ଗୁରୁତ୍ୱ ଦେବ। ଟାସ୍କଫୋର୍ସର ରିପୋର୍ଟ ଆଧାରରେ ଯଥାଶୀଘ୍ର ଆଗାମୀ ଦିନରେ ହେବାକୁ ଥିବା ପରୀକ୍ଷାଗୁଡ଼ିକର ବିଶ୍ୱସନୀୟତାକୁ ନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଟାସ୍କଫୋର୍ସରେ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଏସ୍ ସୋମନାଥ, ଆଇଏଡିର ପୂର୍ବତନ ନିର୍ଦ୍ଦେଶକ ତପନ ଡେକା, ଆଇଆଇଟି ଚେନ୍ନାଇର ନିର୍ଦ୍ଦେଶକ ଭି କାମକୋଟି, ପୂର୍ବତନ ଶିକ୍ଷା ସଚିବ ଅନୀତା କରୱାଲ ଏବଂ ଲଜିଷ୍ଟିକ୍ସ ବିଶେଷଜ୍ଞ ଅମୃତ ଲାଲ୍ ମୀନା ରହିଛନ୍ତି। ନନ୍ଦନ ନିଲେକାନି ସୂଚନା ପ୍ରଯୁକ୍ତି କ୍ଷେତ୍ରର ଜଣେ ବଡ଼ ଉଦ୍ୟୋଗୀ। ଏନ୍‌ଆର ନାରାୟଣମୂର୍ତି ଓ ଅନ୍ୟ ସହପ୍ରତିଷ୍ଠାତାମାନଙ୍କ ସହ ମିଶି ୧୯୮୧ ମସିହାରେ ସେ ଇନ୍‌ଫୋସିସ୍ ପ୍ରତିଷ୍ଠା କରିଥିଲେ। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଇନ୍‌ଫୋସିସ୍‌ର ସିଇଓ ତଥା ଏମ୍‌ଡି ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୧୭ରେ ସେ କମ୍ପାନିର ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ତାଙ୍କ ପୂରାନାମ ନନ୍ଦନ ମୋହନରାଓ ନିଲେକାନି। ଭାରତରେ ଆଧାର କାର୍ଡର ଜନକ ବୋଲି ତାଙ୍କୁ ବିବେଚନା କରାଯାଏ। ମନମୋହନ ସିଂହଙ୍କ ନେତୃତ୍ୱରେ ଚାଲିଥିବା ଉପା ସରକାର ଅମଳରେ ୨୦୦୯ ମସିହାରେ ତାଙ୍କୁ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତୃପକ୍ଷ (ୟୁଆଇଡିଏଆଇ)ର ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା। ତାଙ୍କ ନେତୃତ୍ୱରେ ଆଧାର ପ୍ରକଳ୍ପ ଆରମ୍ଭ ହୋଇଥିଲା। ୨୦୧୪ ମସିହାରେ କଂଗ୍ରେସ ଦଳରୁ ସେ ବେଙ୍ଗାଲୁରୁ ଦକ୍ଷିଣ ଆସନରୁ ଲୋକସଭା ନିର୍ବାଚନ ଲଢ଼ିଥିଲେ ମଧ୍ୟ ବିଜେପିର ଅନନ୍ତ କୁମାରଙ୍କଠାରୁ ବିପୁଳ ଭୋଟରେ ପରାଜିତ ହୋଇଥିଲେ। ଏହା ପରେ ସେ ନିର୍ବାଚନୀ ରାଜନୀତିରୁ ଦୂରେଇ ଯାଇଥିଲେ। ୧୯୫୫ ମସିହା ଜୁନ୨ରେ କର୍ଣ୍ଣାଟକର ବେଙ୍ଗାଲୁରୁରେ ତାଙ୍କର ଜନ୍ମ ହୋଇଥିଲା। ଆଇଆଇଟି ବମ୍ବେରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ସେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି।

## ମଧ୍ୟପ୍ରାଚ୍ୟ ଯୁଦ୍ଧ : ହର୍ମୁଜ୍ ଏବଂ ବାବ୍ ଏଲ୍-ମାଣ୍ଡେବରେ ଜାହାଜ ଚଳାଚଳ ସଂଖ୍ୟା ହ୍ରାସ

ସାନା,୨୭/୭: ଗତ ସପ୍ତାହରୁ ୟେମେନର ହୁତିମାନେ ଲୋହିତ ସାଗର ଉପକୂଳରେ ସାଉଦି ଉପରେ ଆକ୍ରମଣ କରିବା ପରେ ବାବ୍ ଏଲ୍-ମାଣ୍ଡେବ ଦେଇ ଜାହାଜ ଯାତାୟାତ ହ୍ରାସ ପାଇଛି । କେପ୍ଲର ଜାହାଜ ଟ୍ରାକିଂ ତଥ୍ୟରୁ ଏହା ଜଣାପଡ଼ିଛି । ଆମେରିକା-ଇରାନ ଯୁଦ୍ଧ ଯୋଗୁଁ ପୂର୍ବରୁ ହର୍ମୁଜ୍ ପ୍ରଣାଳୀ ଦେଇ ତେଲ ଯୋଗାଣ ଅବରୋଧ ହୋଇଥିବାବେଳେ ଏବେ ବାବ୍ ଏଲ୍-ମାଣ୍ଡେବ ପ୍ରଣାଳୀରେ ସମାନ ସ୍ଥିତି ସୃଷ୍ଟି ହୋଇଛି । ତଥ୍ୟ ଦର୍ଶାଉଛି ଯେ, ରବିବାର ଦିନ ଏଗାରଟି ପଣ୍ୟ ଜାହାଜ ବାବ୍ ଏଲ୍-ମାଣ୍ଡେବ ପ୍ରଣାଳୀ ଦେଇ ଚଳାଚଳ କରିଛି । ଏହା ସର୍ବନିମ୍ନ ସ୍ତର ଥିବା କୁହାଯାଉଛି । ବାବ୍ ଏଲ୍-ମାଣ୍ଡେବ ଦେଇ ଯାଇଥିବା ଜାହାଜଗୁଡ଼ିକ ମଧ୍ୟରୁ ସାତଟି ତେଲ ଟ୍ୟାଙ୍କର୍ ଥିଲା, ସେମାନଙ୍କ ମଧ୍ୟରୁ ତିନୋଟି ଲୋହିତଶ କରିଥିଲା । ଦୁଇଟି ବଡ଼ ଅଶୋଧିତ ବାହକ (ଭିଏଲସିସି)ସାଉଦି ଅଶୋଧିତ ତେଲ ଲୋଡ୍ କରିବା ପାଇଁ ୟାନବୁ ବନ୍ଦରକୁ ଯାଉଥିବାବେଳେ ତୃତୀୟଟି ଏକ ରୁଷ ସହ କାରାବାର କରୁଥିବା ଜାହାଜ ବୋଲି ତଥ୍ୟ ଦର୍ଶାଉଛି । ତଥ୍ୟ ଅନୁଯାୟୀ, ଲୋହିତ ସାଗରରୁ ବାହାରିଥିବା ଚାରୋଟି ଜାହାଜ ମଧ୍ୟରେ ହଂକଂ ପତାକାଯୁକ୍ତ ଭିଏଲସିସି ନ୍ୟୁ ଏକ୍ସପ୍ଲୋରର ଥିଲା ଯାହା ପୂର୍ବ ଚୀନ୍‌ର ନିଙ୍ଗବୋ ବନ୍ଦର ପାଇଁ ୨ ନିୟୁତ ବ୍ୟାରେଲ ସାଉଦି ଏବଂ ଏମିରାତି ଅଶୋଧିତ ତୈଳ ବହନ କରିଥିଲା, ଚୀନ୍ ପାଇଁ ୧ ନିୟୁତ ବ୍ୟାରେଲ



ରୁଷୀୟ ଅଶୋଧିତ ତୈଳ ବହନ କରୁଥିବା ଏକ ଟ୍ୟାଙ୍କର ଏବଂ ପାକିସ୍ତାନ ପାଇଁ ପ୍ରାୟ ୭୫୦ ହଜାର ବ୍ୟାରେଲ ସାଉଦି ଅଶୋଧିତ ତୈଳ ବହନ କରୁଥିବା ଏକ ଟ୍ୟାଙ୍କର ଥିଲା । କେପ୍ଲର ଟ୍ରାକିଂ ତଥ୍ୟ ଅନୁଯାୟୀ, ଆମେରିକା ଏବଂ ଇରାନ ଭିତରରେ ଜାରି ରହିଥିବା ଆକ୍ରମଣ ସାମୟିକ ବନ୍ଦ ରହିଛି ।

## ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ପରଲୋକ, ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୭/୭(ନି/ପ୍ର): ଓଡ଼ିଶାର ବରିଷ୍ଠ ରାଜନୀତିଜ୍ଞ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଆଜି ପରଲୋକ ହୋଇଛି । ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିବା ସୂଚନା ମିଳିଛି । ସୁଶାନ୍ତ ସିଂହ ଦୀର୍ଘଦିନ ଧରି ଗୁରୁତର ଅସୁସ୍ଥତାରେ ପୀଡ଼ିତ ଥିଲେ । କିଛିଦିନ ପୂର୍ବରୁ ତାଙ୍କୁ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଚିକିତ୍ସା ଜାରି ରହିଥିଲା, କିନ୍ତୁ ଆଜି ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହୋଇଥିଲା ଏବଂ ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ତାଙ୍କୁ ବଚାଂଇ ପାରିଲେ ନାହିଁ । ସୂଚନାଯୋଗ୍ୟ, ସୁଶାନ୍ତ ସିଂହ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ତିନିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେ ଓଡ଼ିଶା ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ଭାଳିଥିଲେ । ତାଙ୍କର ରାଜନୈତିକ ଜୀବନରେ ସାଧାରଣ ଲୋକଙ୍କ ସେବା ଏବଂ ବିକାଶମୂଳକ କାର୍ଯ୍ୟ ପାଇଁ ସେ ପରିଚିତ ଥିଲେ । ଶୋକ ତାଙ୍କ ଦେହାନ୍ତ ଖବର ପାଇ ରାଜ୍ୟର ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି । ବିଜେଡି ସମେତ ବିଭିନ୍ନ ଦଳର ନେତାମାନେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ବରିଷ୍ଠ ରାଜନେତା ତଥା ଓଡ଼ିଶା ସରକାରରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଓଁ ଶାନ୍ତି ।

## ସ୍ୱର୍ଣ୍ଣ ଆଣିଲେ ଚାନୁ

ଗ୍ଲାସ୍‌ଗୋ,୨୭/୭: ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣପଦକ ଜିତାଇଛନ୍ତି ମୀରାବାଈ ଚାନୁ । ରବିବାର ମହିଳା ୪୮ କିଗ୍ରା ଭାରୋତୋଳନ ବର୍ଗରେ ପ୍ରଥମ ସ୍ଥାନରେ ରହି ମୀରାବାଈ ସ୍ୱର୍ଣ୍ଣପଦକ ଜିତି ପାରିଛନ୍ତି । ମଣିପୁରର ୩୨ ବର୍ଷ ବୟସ୍କା ମୀରାବାଈ ମୋଟ ୧୯୦ କିଗ୍ରା ଭାର ଉଠାଇ ୪ଟି ରାଜ୍ୟଗୋଷ୍ଠୀ କ୍ରୀଡ଼ା କୀର୍ତିମାନ ପ୍ରତିଷ୍ଠାକରି ସ୍ୱର୍ଣ୍ଣପଦକ ଜିତି ପାରିଛନ୍ତି । ମୀରାବାଈ ସ୍ନାଚ୍‌ରେ ୮୫ କିଗ୍ରା ଓ କ୍ଲିନ୍ ଏଣ୍ଡ ଜର୍କରେ ୧୦୫ କିଗ୍ରା; ଏହିପରି ମୋଟ ୧୯୦ କିଗ୍ରା ଭାର ଉଠାଇ ପ୍ରଥମ ସ୍ଥାନରେ ରହିଥିଲେ । ୧୯୦ କିଗ୍ରା ହେଉଛି ରାଜ୍ୟଗୋଷ୍ଠୀ କ୍ରୀଡ଼ା କୀର୍ତିମାନ । ମୀରାବାଈ ଏହି ଇଭେଂଟରେ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଫେଭରିଟ୍ ଥିଲେ ।

## ବର୍ଷା ପାଇଁ ରାଜ୍ୟର ୪ ଜିଲ୍ଲାର ସବୁ ସ୍କୁଲ୍ ଓ ଅଙ୍ଗନବାଡି ଛୁଟି




ଭୁବନେଶ୍ୱର,୨୭/୭(ନି/ପ୍ର):ବର୍ଷା ପାଇଁ ଆଜି ରାଜ୍ୟର ୪ ଜିଲ୍ଲାର ସବୁ ସ୍କୁଲ୍ ଓ ଅଙ୍ଗନବାଡିକୁ ଛୁଟି ଘୋଷଣା କରାଯାଇଥିବା ଜଣାଯାଇଛି । ମୟୂରଭଞ୍ଜ, ସୁବର୍ଣ୍ଣପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡି ୨୭ ତାରିଖ ପାଇଁ ଛୁଟି ଘୋଷଣା କରାଯାଇଛି । ଏନେଇ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ପିଲାମାନଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଏଭଳି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି । ଏଣେ ଆଜି ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରୁପାଲିଠାରେ ଅନୁଷ୍ଠିତ ହେବାକୁ ଥିବା ଅଭିଯୋଗ ଶୁଣାଣିକୁ ବି ସ୍ଥଗିତ ରଖାଯାଇଛି ।




# କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122




କେନ୍ଦୁଝର ନନ୍ଦିଘୋଷ ରଥରେ ଶ୍ରୀ ଶ୍ରୀ ବଳଦେବଜୀଉ ଦେବି ସୁଭଦ୍ରା ପ୍ରଭୁ ଜଗନ୍ନାଥ ମହାରଘ୍ୟ ସୁନାବେଶରେ ଦର୍ଶନ ଦେଉଛନ୍ତି

## ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା
### ଏନ୍.ଏ.ଏମ୍. ଓ କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ନେଇ ଅସନ୍ତୋଷ

ଚମ୍ପୁଆ, ୨୭/୭(ନି/ପ୍ର):ଚମ୍ପୁଆ ସବ୍‌ଡିଭିଜନ ଡାକ୍ତରଖାନାରେ ରୋଗୀସେବା କ୍ଷେତ୍ରରେ ବ୍ୟାପକ ଅନିୟମିତତା ଏବଂ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଦିନକୁ ଦିନ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । ହସ୍ପିଟାଲର କିଛି ଏନ୍.ଏ.ଏମ୍. ଦିଦି, ସୁରକ୍ଷା କର୍ମୀ ଏବଂ ସଫେଇ କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ରୋଗୀ ଓ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ଅନୁଯାୟୀ, ଡାକ୍ତରଖାନାରେ କାର୍ଯ୍ୟରତ ଏନ୍.ଏ.ଏମ୍. ଦିଦିମାନେ ରୋଗୀମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି । ରୋଗୀଙ୍କୁ ସାଲାଏନ୍ ଦିଆଯିବା ପରେ ତାହା ସରିଗଲେ ମଧ ଖୋଲିବା ପାଇଁ କହିଲେ ସେମାନେ ଶୁଣୁନାହାନ୍ତି । ଏପରିକି ଏନ୍.ଏ.ଏମ୍.ମାନଙ୍କ ପ୍ରକୃତ କର୍ତବ୍ୟ ଆଟେଣ୍ଡାଂଟ କରୁଥିବା ନେଇ ରୋଗୀଙ୍କ ଠାରୁ ଅଭିଯୋଗ ଶୁଣିବାକୁ ମିଳୁଛି । ଦିଦିମାନେ କେବଳ ଚୌକିରେ ବସି ସମୟ କଟାଉଥିବା ଚର୍ଚ୍ଚାର ବିଷୟ ପାଲଟିଛି । ସେହିପରି ଡାକ୍ତରଖାନାରେ ନିୟୋଜିତ ସୁରକ୍ଷା କର୍ମୀମାନେ ମଧ ନିଜ ନିର୍ଦ୍ଧାରିତ ଡ୍ୟୁଟି ସ୍ଥାନରେ ନରହି ଏଣେତେଣେ ବୁଲୁଥିବା ଦେଖାଯାଉଛି । ସଫେଇ କର୍ମଚାରୀମାନଙ୍କ ଅବସ୍ଥା ମଧ ସମାନ । ନିୟମିତ ସଫାସୁତରା ରଖିବା ପରିବର୍ତେ କେବଳ ସକାଳ ଓ ସନ୍ଧ୍ୟାରେ ଥରେ ଝାଡୁମାରି ଦାୟିତ୍ୱ ଏଡ଼ାଇ ଦେଉଛନ୍ତି । ରୋଗୀଙ୍କ ଖାଦ୍ୟ ବ୍ୟବସ୍ଥାରେ ମଧ ବଡ଼ ଧରଣର ତ୍ରୁଟି ଦେଖିବାକୁ ମିଳିଛି । ଡାକ୍ତରଖାନାରେ ମଧୁମେୟ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ରହିଥିଲେ ମଧ ସମସ୍ତଙ୍କୁ ସମାନ ପ୍ରକାର ଖାଦ୍ୟ ଦିଆଯାଉଛି । ଏ ବିଷୟରେ ରୋଷେଇ କରୁଥିବା ସଂସ୍ଥାକୁ ପଚାରିବାରୁ ସେମାନେ ସ୍ପଷ୍ଟ କରିଛନ୍ତି ଯେ, ଏନ୍.ଏ.ଏମ୍. ଦିଦିମାନେ କେବଳ ମୋଟ ରୋଗୀଙ୍କ ସଂଖ୍ୟା ରିପୋର୍ଟ ଦେଉଛନ୍ତି, କିନ୍ତୁ କେଉଁ ରୋଗୀଙ୍କର କ'ଣ ସମସ୍ୟା ଅଛି ସେ ନେଇ କୌଣସି ସ୍ୱତନ୍ତ୍ର ରିପୋର୍ଟ ଦେଉନଥିବାରୁ ସମସ୍ତଙ୍କୁ ଗୋଟିଏ ପ୍ରକାର ଖାଦ୍ୟ ଦିଆଯାଉଛି । ରୋଗୀଙ୍କ ଜୀବନ ସହିତ ଏପରି ଖେଳ ଏବଂ ସରକାରୀ ନିୟମର ଅବମାନନାକୁ ସାଧାରଣରେ କଡ଼ା ନିନ୍ଦା କରାଯାଉଛି । ତେଣୁ ଏହି ବିଷୟ ପ୍ରତି ଚମ୍ପୁଆ ଏସ୍.ଡି.ଏମ୍.ଓ. ଏବଂ କେନ୍ଦୁଝର ସି.ଡି.ଏମ୍.ଓ. ସ୍ୱତନ୍ତ୍ର ଦୃଷ୍ଟିଦେଇ କର୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ ତଦନ୍ତ ପୂର୍ବକ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଜଗନ୍ନାଥ ସଂସ୍କୃତିରୁ ସୃଷ୍ଟି ମା ତାରିଣୀ ବ୍ରତ, ଯାହା ରଥରୁ ବାହୁଡ଼ା ମଧ୍ୟରେ ପାଳିତ ହୁଏ

କେନ୍ଦୁଝର, ୨୭/୭(ନି/ପ୍ର): କେନ୍ଦୁଝରରେ ହଜାର ହଜାର ସଂଖ୍ୟାରେ ମହିଳା ଭକ୍ତ ପାଳିଛନ୍ତି ବିପତି ତାରିଣୀ ବ୍ରତ । ରଥ ଯାତ୍ରାରୁ ବାହୁଡା ମଧ୍ୟରେ ପଡୁଥିବା ମଙ୍ଗଳବାର ଦିନ ସମସ୍ତେ ବିପଦରୁ ମୁକ୍ତ ରହିବା ପାଇଁ ବିପତି ତାରିଣୀଙ୍କ ବ୍ରତ ପାଳନ କରାଯାଏ । ତେଣୁ ରଥଯାତ୍ରା ଠାରୁ ବାହୁଡା ମଧ୍ୟରେ ଶ୍ରୀଜିଉ ଗୁଣ୍ଡିଚା ମନ୍ଦିରରେ ଥିବା ସମୟରେ ମଙ୍ଗଳବାରରେ ଏହି ବ୍ରତକୁ ମହିଳା ମାନେ ବିଭିନ୍ନ ଶକ୍ତି ପିଠ ମାନଙ୍କରେ ବିପତି ତାରିଣୀ ବ୍ରତ ଭାବେ ପାଳନ କରିଥାନ୍ତି । ଏହି ତାରିଣୀ ବ୍ରତ ଅବସରରେ କେନ୍ଦୁଝର ମାଉସୀ ମା ମନ୍ଦିରରେ ହଜାର ହଜାର ସଂଖ୍ୟାରେ ମହିଳାମାନେ ବ୍ରତ ପାଳନ କରି ନିଜ ପରବାର ପାଇଁ ମଙ୍ଗଳ କାମନା କରିଛନ୍ତି । କେନ୍ଦୁଝର ଜିଲ୍ଲା ଅଧିଷ୍ଠାତ୍ରୀ ଦେବି ମା ତାରିଣୀଙ୍କ ବିଭିନ୍ନ ପିଠରେ ଆଜି ବିପତି ତାରିଣୀ ବ୍ରତ ପାଳିତ ହେଉଛି । ପ୍ରତ୍ୟେକ ବର୍ଷ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡା ଯାତ୍ରା ମଧ୍ୟରେ ପଡୁଥିବା ପ୍ରଥମ ମଙ୍ଗଳବାରରେ ହିଁ ଏହି ବ୍ରତ ପାଳନ କରାଯାଇଥାଏ । ଏହି ଅବସରରେ କେନ୍ଦୁଝର ପୁରୁଣା ବଜାର ସ୍ଥିତ ଗୁଣ୍ଡିଚା ମନ୍ଦିରରେ ଆଜି ହଜାର ହଜାର ସଂଖ୍ୟାରେ ମହିଳା ହାତରେ ଭୋଗ ଡାଲା ଓ ତାରିଣୀ ବ୍ରତ ଧରି ଶୃଙ୍ଖଳିତ ଭାବେ ଧାଡିରେ ଯାଇ ପୂଜା ଅର୍ଚ୍ଚନା କରୁଛନ୍ତି । ନିଜର ପରିବାରର ମଙ୍ଗଳ କାମନା ସହ ବିପଦ ରୁ ମୁକ୍ତ କରିବା ପାଇଁ ମହିଳାମାନେ ଏହି ବ୍ରତ ପାଳନ କରିଥାନ୍ତି । ଏହି ବ୍ରତରେ ମହିଳା ମାନେ ମାଙ୍କୁ ସ୍ମରଣ କରି ୧୩ଟି ଗଣ୍ଠି ପକାଇ ପରିବାରର ଶୁଭ କାମନା କରିଥାନ୍ତି । ତେବେ ଜଗନ୍ନାଥଙ୍କ ରଥ ଯାତ୍ରା ସହିତ ଏହି ତାରିଣୀ ବ୍ରତର ମହିମା ଜଡିତ ରହିଛି ଓ ରଥ ଯାତ୍ରାରେ ତିନି ଠାକୁର ୯ ଦିନ ପାଇଁ ଗୁଣ୍ଡିଚା ଘରକୁ ଯାଇଥିବା ବେଳେ ପ୍ରଭୁଙ୍କ ମଙ୍ଗଳ କାମନା କରି ମା ଏହି ପୂଜା କରିଥିବା କାରଣରୁ ତାରିଣୀ ପିଠରେ ଏହି ବ୍ରତକୁ ମହିଳା ମାନେ ଆଜି ଉପବାସ ରହି ଭକ୍ତି ଓ ଶ୍ରଦ୍ଧାର ସହ ମହା ଆଡମ୍ବରରେ ପାଳନ କରିଛନ୍ତି । ଏହି ଅବସରରେ ମା'ଙ୍କ ସ୍ନାନ ମାଜଣା ଓ ଯଥା ରିତୀ ନୀତିରେ ପୂଜା କରାଯିବା ସହ ମାଙ୍କ ନିକଟରେ ବ୍ରତ, ଗୁଆ, ଫୁଲ, ଭୋଗ, ପୂଜା କରାଯାଇ ଏହି ବ୍ରତ ନିଜର ଡାହାଣ ହାତରେ ବାନ୍ଧିଥାନ୍ତି ।

## ଚମ୍ପୁଆକୁ ପୁଣି ଲେଉଟିଲେ ୨୫ ଟିକିଆ ହାତୀପଲ
### ବର୍ଦ୍ଧନା ଗାଁରେ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି



ଚମ୍ପୁଆ,୨୭/୭(ନି/ପ୍ର):ଗତ ଏକମାସ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାକୁ ଚାଲିଯାଇଥିବା ୨୫ ଟିକିଆ ହାତୀପଲ ଗତକାଲି ପୁଣି ଚମ୍ପୁଆ ରେଞ୍ଜକୁ ଲେଉଟି ଆସିଛନ୍ତି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ଗତକାଲି ମୟୂରଭଞ୍ଜରୁ ବାହାରି ପାଟଣା ରେଞ୍ଜ ମଧ ଦେଇ ହାତୀପଲ ଚମ୍ପୁଆ ରେଞ୍ଜରେ ପ୍ରବେଶ କରିଥିଲେ । ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନର ପଦ୍ମପୁର ଠାରେ ବୈତରଣୀ ନଦୀ ପାରହୋଇ ହାତୀମାନେ ବରପଦା ଜଙ୍ଗଲରେ ପ୍ରବେଶ କରିଥିଲେ । ଜଙ୍ଗଲ ମଧ୍ୟରେ ପଶିବା ପରେ ସେଠାକାର ଏକ ପୋଖରୀରେ ହାତୀପଲ ଦୀର୍ଘ ସମୟ ଧରି ଜଳକ୍ରୀଡ଼ା କରିଥିବା ଦେଖିବାକୁ ମିଳିଥିଲା । ଜଙ୍ଗଲରୁ ବାହାରି ହାତୀପଲ ନିକଟସ୍ଥ ବର୍ଦ୍ଧନା ଗାଁ ଭିତରେ ପଶିଯାଇଥିଲେ । ଗାଁର ଯୁଧିଷ୍ଠିର ମହାକୁଡ଼ଙ୍କ ଘରକୁ ଭାଙ୍ଗିବା ସହ ହାତୀପଲ ବ୍ୟାପକ କ୍ଷୟକ୍ଷତି କରିଛନ୍ତି । ଗାଁରେ ହାତୀ ପଶିଥିବା ନେଇ ଖବର ପାଇବା ପରେ ବନ ବିଭାଗ ତତ୍ପରତା ପ୍ରକାଶ କରିଥିଲା । ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ହାତୀପଲଙ୍କୁ ଗାଁରୁ ଘଉଡ଼ାଇବାରେ ସଫଳ ହୋଇଥିଲେ । ଆଜି ସକାଳୁ ହାତୀପଲ ନିକଟସ୍ଥ ନିଉଣ୍ଡି ଗାଁ ଜଙ୍ଗଲକୁ ଚାଲିଯାଇଥିବା ଜଣାପଡ଼ିଛି । ବନ ବିଭାଗର ସୂଚନା ମୁତାବକ, ଏହି ହାତୀପଲରେ ଦନ୍ତାହାତୀ ୫ଟି, ମାଇ ହାତୀ ୧୧ଟି, ଛୁଆ ହାତୀ ୯ଟି ମୋଟ ୨୫ଟି ହାତୀ ପୁଣିଥରେ ଏହି ଅଂଚଳକୁ ଫେରିଥିବାରୁ ଆଖପାଖ ଗ୍ରାମଗୁଡ଼ିକରେ ଆତଙ୍କ ଦେଖାଦେଇଛି । ବନବିଭାଗ ପକ୍ଷରୁ ହାତୀଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି । ଏହାସହ ଗ୍ରାମବାସୀଙ୍କୁ ହାତୀଙ୍କ ଠାରୁ ଦୂରତା ବଜାଇ ରଖିବାକୁ ଏବଂ ରାତ୍ରୀ ସମୟରେ ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଦିନ ଦିପ୍ରହରରେ ଚାଲିଛି ଜୁଆଖେଳ :
### କେଉଁଠି ପୋଲିସର ଚଢ଼ାଉ ତ କେଉଁଠି ନିରବତାକୁ ନେଇ ଉଠିଲା ପ୍ରଶ୍ନ



ରାଇଘର,୨୭/୭(ନି/ପ୍ର): ନବରଙ୍ଗପୁର ଜିଲ୍ଲାର ରାଇଘର ଓ କୁନ୍ଦେଇ ଥାନା ଅଚଂଳର ବିଭିନ୍ନ ସ୍ଥାନରେ ଦିନ ଦାହାଡ଼େ ଖୋଲାଖୋଲି ଜୁଆଖେଳ ଚାଲୁଥିବା ଅଭିଯୋଗ ହୋଇଛି । କେତେକ ସ୍ଥାନରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଥିବା ବେଳେ, ଆଉ କେତେକ ଅଚଂଳରେ ନିର୍ବିଘ୍ନରେ ଜୁଆଖେଳ ଚାଲିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କୁନ୍ଦେଇ ଥାନା ଅନ୍ତର୍ଗତ ଜାଣିପାରା, କିବେକଙ୍ଗା, ତୁରୁଡ଼ିହି, କୋସକଙ୍ଗା ଓ ହିରୀ ସର୍ଗିପାରା ସମେତ ବିଭିନ୍ନ ସ୍ଥାନରେ ଦୀର୍ଘ ଦିନ ଧରି ଜୁଆ ଆସର ବସୁଥିବା କୁହାଯାଉଛି । ସେହିପରି ରାଇଘର ଥାନା ଅଚଂଳର ଦାସପୁର, ଜଳଙ୍ଗପାରା, ସଭାପାରା ଓ ସାପ୍ତାହିକ ବଜାର ଅଚଂଳରେ ମଧ ଜୁଆଡ଼ିଙ୍କ ଭିଡ଼ ଜମୁଥିବା ଅଭିଯୋଗ ରହିଛି ।ସ୍ଥାନୀୟଙ୍କ କହିବା ଅନୁସାରେ, ଏହି ଜୁଆ ଆସରରେ ଅନେକ ନିରୀହ ଆଦିବାସୀ ଓ ଶ୍ରମଜୀବୀ ଲୋକ ନିଜର କଷ୍ଟଉପାର୍ଜିତ ଅର୍ଥ ହରାଇ ସର୍ବସ୍ୱାନ୍ତ ହେଉଛନ୍ତି । କେତେକ ପରିବାରରେ ଏହାକୁ କେନ୍ଦ୍ର କରି ଅଶାନ୍ତି ସୃଷ୍ଟି ହେଉଥିବା ମଧ ଆଲୋଚନା ହେଉଛି । ଯୁବପିଢ଼ି ମଦ୍ୟପାନ ଓ ଜୁଆ ଭଳି ଅସାମାଜିକ କାର୍ଯ୍ୟରେ ଜଡ଼ିତ ହେଉଥିବାରୁ ସାମାଜିକ ପରିବେଶ ଉପରେ ମଧ ଏହାର କୁପ୍ରଭାବ ପଡୁଥିବା କୁହାଯାଉଛି ।ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏପରି ମଧ ଆଲୋଚନା ହେଉଛି ଯେ, କେତେକ ଲୋକ ଜୁଆ ଖେଳିବା ପାଇଁ ଘରୁ ଟଙ୍କା, ଧାନ, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ବିକ୍ରି କରି ସେହି ଟଙ୍କା ଙ୍କୁ ବାଜି ଲଗାଉଛନ୍ତି । ଏହି ପରିସ୍ଥିତିକୁ ନେଇ ଅଚଂଳବାସୀ କୁନ୍ଦେଇ ଓ ରାଇଘର ପୋଲିସ ପ୍ରଶାସନ ତୁରନ୍ତ ଏହି ଅଚଂଳଗୁଡ଼ିକରେ ସ୍ୱତନ୍ତ୍ର ଚଢ଼ାଉ କରି ବେଆଇନ ଜୁଆ ଆଡ଼ା ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏହି ଅଭିଯୋଗ ସମ୍ପର୍କରେ କୁନ୍ଦେଇ କିମ୍ବା ରାଇଘର ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଔପଚାରିକ ପ୍ରତିକ୍ରିୟା ମିଳିନାହିଁ ।

## ସୁନାବେଶରେ ଝଟକିଲେ ଚତୁର୍ଦ୍ଧାମୂର୍ତି, ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ପୁରୀ,୨୭/୭(ନି/ପ୍ର): ବିଶ୍ୱନିୟନ୍ତା ଲୀଳାମୟଙ୍କ ଲୀଳାକ୍ଷେତ୍ର ଶ୍ରୀକ୍ଷେତ୍ର । ଲୀଳାମୟଙ୍କ ମାନବୀୟ ଲୀଳାଖେଳା ଚାଲିଛି । ଭାବର ଠାକୁର କାଳିଆ । କାଳିଆ ଭକ୍ତି ଭାବରେ ବନ୍ଧା । ଚତୁର୍ଦ୍ଧାମୂର୍ତିଙ୍କ ସୁନାବେଶ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ପାଲଟିଛି ଭକ୍ତମୟ, ଜନସମୁଦ୍ର । ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ । ବଡଦାଣ୍ଡରେ ବଡଦେଉଳ ଭିତରେ ବଡଠାକୁର ବିଶ୍ୱବିଦିତ ଜଗତକର୍ତା ଜଗତରନାଥ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଅନ୍ୟତମ ଆକର୍ଷଣ ହେଉଛି ମହାପ୍ରଭୁଙ୍କ ସୁନାବେଶ । ଶୃଙ୍ଗାର ପ୍ରିୟ ଠାକୁରଙ୍କ ଚବିଶ ବେଶ ମଧ୍ୟରେ ଶ୍ରୀମନ୍ଦିରରେ ବାଇଶିଟି ବେଶ ହୋଇଥାଏ । ମହାପ୍ରଭୁଙ୍କ ବେଶ ମଧ୍ୟରେ ସୁନାବେଶ ଅତ୍ୟନ୍ତ ଦୁର୍ଲଭ । ଶ୍ରୀମନ୍ଦିରରେ ବିଜୟାଦଶମୀ, କାର୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା, ମାଘ ପୂର୍ଣ୍ଣିମାରେ ସୁନାବେଶ ଅନୁଷ୍ଠିତ ହୋଇଥାଏ । ଆଷାଢ ଶୁକ୍ଳ ଏକାଦଶୀଦିନ ଶ୍ରୀମନ୍ଦିର ସିଂହଦ୍ୱାର ରଥାରୁଢ ଶ୍ରୀଜୀଉଙ୍କ ସୁନାବେଶ ଅତ୍ୟନ୍ତ ମହନୀୟ । ଚିତାକର୍ଷକ ତଥା ନୈସର୍ଗିକ ବେଶକୁ ଅପଲକ ନୟନରେ ଅବଲୋକନ କରିବା ପାଇଁ ଲକ୍ଷ ଲକ୍ଷ ଭକ୍ତ, ଶ୍ରଦ୍ଧାଳୁ, ଦର୍ଶନାର୍ଥୀ, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ରୁଣ୍ଡ ହୋଇଛନ୍ତି ବଡଦାଣ୍ଡରେ । ତିନି ରଥରେ ମଇଲମ ୧୨ଟା୧୫ ରୁ ୧୨ଟା୩୫, ୩ରଥରେ ମହାସ୍ନାନ-ସର୍ବାଙ୍ଗ ୧୨ଟା୨୦ ରୁ ୧୨ଟା୫୦, ୩ରଥରେ ବେଶ ଶେଷ ୧ ଟାରୁ ୧ଟା୩୫, ୩ରଥରେ ମଧ୍ୟାହ୍ନ ଧୂପ ୧ଟା୫୦ ରୁ ୨ଟା୩୦, ୩ରଥରେ ମଇଲମ ୪ଟା୪୫ ରୁ ୪ଟା୫୫, ୩ରଥରେ ଶ୍ରୀଜୀଉଙ୍କର ଶାଢ଼ି ଖଣ୍ଟୁଆ ଲାଗି ସନ୍ଧ୍ୟା ଆଳତି ୪ଟା୫୫ ରୁ ୫ଟା ୦୫, ୩ରଥରେ ଏକାଦଶୀ ସର୍ବାଙ୍ଗ ୫ଟା ରୁ ୫ଟା୧୦, ୩ରଥ ରେ ୫ଟା ୧୯ରେ ସୁନାବେଶ ଆରମ୍ଭ ହୋଇଥିଲା । ମାର୍କେଟ ଛକ ଠାରୁ ବ୍ୟାରିକେଡ ଭିତରେ ଭକ୍ତ ମାନେ ଶୃଙ୍ଖଳିତ ଭାବେ ଯାଇ ରଥାରୁଢ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କରି ଫେରିଛନ୍ତି । ପାଣି ସିଂଚନ ସହ ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହୋଇଛି ସିଂହଦ୍ୱାର ଓ ବଡଦାଣ୍ଡ । ଆଷାଢ ଶୁକ୍ଳ ଏକାଦଶୀଦିନ ମଧ୍ୟାହ୍ନଧୂପ ଶେଷ ହେବା ପରେ ରଥ ଉପରେ ଚତୁର୍ଦ୍ଧାମୂର୍ତିଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିଲା । ପାଳିଆ ମେକାପ, ଖୁଂଟିଆ ସେବକ, ମାଜିଷ୍ଟ୍ରେଟ, ପୋଲିସ ଫୋର୍ସ, ମନ୍ଦିର ଗାରଦ ଓ କର୍ମଚାରୀଙ୍କ ସହାୟତାରେ ତିନିରଥ ଉପରକୁ ଭଣ୍ଡାର ଘରୁ ସୁନାବେଶ ପାଇଁ ସାମଗ୍ରୀ ଆଣିଥିଲେ । ପାଳିଆ ପୁଷ୍ପାଳକ, ଦଇତାପତି, ଝୁଂଟିଆ ମେକାପ, ତଳୁଛ, ଭିତରଛ ସେବକ ମାନେ ଉପସ୍ଥିତ ରହି ଶ୍ରୀବିଗ୍ରହମାନଙ୍କ ସୁନାବେଶ କରିଥିଲେ । ଅଳଙ୍କାର ମଧ୍ୟରେ ବଡଠାକୁର ଶ୍ରୀବଳଭଦ୍ରଙ୍କ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡିଆଣି, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡକାନି, ଘାଗଡା ମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବା କଣ୍ଠି, ( ଆୟୁଧ) ହଳ ଓ ମୂଷଳ, ବାହାଡା ମାଳି, ବାଘନଖ ମାଳି, ସେବତି ମାଳି, ତ୍ରିଖଣ୍ଡିକା କମରପଟି । ସେହିପରି ଦେବୀ ମା ସୁଭଦ୍ରା କିରୀଟ, ଓଡିଆଣି, କାନ, ଚନ୍ଦ୍ର ସୂର୍ଯ୍ୟ, ଘାଗଡା ମାଳି, କଦମ୍ବ ମାଳି, ୨ଟି ତଗଡି, ସେବତି ମାଳି ଆଦି ପରିଧାନ କରି ଭକ୍ତଜନଙ୍କୁ ଦର୍ଶନ ଦେଇଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଳଙ୍କାର ମଧ୍ୟରେ କିରୀଟ, ଶ୍ରୀଭୁଜ, ଶ୍ରୀପୟର, ଓଡିଆଣି, ଚନ୍ଦ୍ର ସୂର୍ଯ୍ୟ, ଆଡକାନି, ଘାଗଡା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି,( ଆୟୁଧ) ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ, ହରିଡା, କଦମ୍ବ ମାଳି, ବାହାଡା ମାଳି, ତାବିଜ ମାଳି, ସେବତି ମାଳି, ତ୍ରିଖଣ୍ଡିକା କମରପଟି ।



ଘଟଗାଁରେ ତିନି ଠାକୁରଙ୍କ ସୁନାବେଶ ଅନୁଷ୍ଠିତ

## କୋରାପୁଟରେ ହେଉଛି ଉତ୍ପାଦନ, ପ୍ରକ୍ରିୟାକରଣ ୟୁନିଟ୍ କରିବାକୁ ଦାବି

ଜୟପୁର,୨୭/୭(ନି/ପ୍ର): ମାଳଭୂମି କୋରାପୁଟର ଜଳବାୟୁ ମସଲା ଜାତୀୟ ଫସଲ ପାଇଁ ବେଶ ଉପଯୋଗୀ । କଫି, ଗୋଲମରିଚ, ଅଳେଇଚ, ଅଦା, ହଳଦୀ, ମାଣ୍ଡିଆ, ସୁଆଁ, ତେନ୍ତୁଳି ବହୁଳ ପରିମାଣରେ ଉତ୍ପାଦିତ ହେଉଛି । ହେଲେ ବଜାର ବ୍ୟବସ୍ଥା ଓ ପ୍ରକ୍ରିୟାକରଣ ୟୁନିଟ୍ ନଥିବାରୁ ଫାଇଦା ଉଠାଉଛି ପଡ଼ୋଶୀ ଆନ୍ଧ୍ର । ଅମଳ ଫସଲକୁ ଚାଷୀଙ୍କ ନିକଟରୁ କିଣିନେଇ ନିଜ ନାଁରେ ବ୍ରାଣ୍ଡ ଲଗାଇ ଜାତୀୟ ବଜାରରେ ବିକ୍ରି କରୁଛି । କୋରାପୁଟ ଜିଲ୍ଲାର ୩ ହଜାର ହେକ୍ଟର ଜମିରେ କଫି ଚାଷ ହେଉଛି । ଯେଉଁଥିରୁ ବାର୍ଷିକ ୫ଶହ ମେଟ୍ରିକ ଟନ୍ କଫି ଉତ୍ପାଦନ ହେଉଛି । ସେହିପରି ୧୫୫୦ ହେକ୍ଟର ଜମିରୁ ୧୧୫ ମେଟ୍ରିକ ଟନ୍ ଗୋଲମରିଚ, ୪୨୨୩ ହେକ୍ଟର ଜମିରୁ ୫୮,୧୨୦ ମେଟ୍ରିକ ଟନ୍ ଅଦା, ୩୩୭୩ ହେକ୍ଟର ଜମିରେ ୯ହଜାର ମେଟ୍ରିକ ଟନ୍ ଶୁଖିଲା ହଳଦୀ ଉତ୍ପାଦନ ହେଉଛି । ମାଣ୍ଡିଆ, ସୁଆଁ, ତେନ୍ତୁଳି ଉତ୍ପାଦନ ପରିମାଣ ବି କିଛି କମ୍ ନୁହେଁ । ଟିଡିସିସି କେବଳ କଫି, ମାଣ୍ଡିଆ, ଝାଡୁ ଓ ଶାଳ ମଞ୍ଜିର ବଜାରୀକରଣ କରୁଛି । ସୁଆଁ, ଗୋଲମରିଚ, ଅଦା, ହଳଦୀ, ଆଳୁ ଆଦି ଉତ୍ପାଦର ସରକାରୀ ସ୍ତରରେ ବଜାର ବ୍ୟବସ୍ଥା କି ପ୍ରକ୍ରିୟାକରଣ ୟୁନିଟ୍ ନାହିଁ । ଟିଡିସିସି ଗୁଣାତ୍ମକ କଫି ଚେରୀ କେଜି ପିଛା ୧୦୫ ଟଙ୍କାରେ କିଣୁଥିବାବେଳେ ଆନ୍ଧ୍ର ବ୍ୟବସାୟୀ ସମସ୍ତ ପ୍ରକାର କଫି ଚେରୀ କେଜି ପିଛା ୧୦୦ ଟଙ୍କାରେ ଚାଷୀଙ୍କ ଘରକୁ ଯାଇ ଯୋଗାଇ ଦେଉଛନ୍ତି । ଚାରା ସହିତ ବର୍ଷ ତମାମର ଖର୍ଚ୍ଚ ମଧ ଦେଉଛନ୍ତି । ଫଳରେ ଉତ୍ପାଦନ ପରେ ଚାଷୀ ଆନ୍ଧ୍ର ବ୍ୟବସାୟୀଙ୍କୁ ହିଁ ଫସଲ ଦେବା ପାଇଁ ବାଧ ହେଉଛନ୍ତି । ଓଡ଼ିଶାର ଉତ୍ପାଦ ନେଇ ଆରୁକୁ କଫି ନାଁରେ ବ୍ରାଣ୍ଡିଂ କରି ବିକ୍ରି କରୁଛି ଆନ୍ଧ୍ର । ହଳଦୀ ଚାଷ କ୍ଷେତ୍ରରେ ମଧ ସେଇୟା । ଅମଳ ସମୟରେ ଆନ୍ଧ୍ର ବ୍ୟବସାୟୀ ୮୦ରୁ ୧୦୦ ଟଙ୍କାରେ କିଣି ନେଇ ଆନ୍ଧ୍ରର ବିଭିନ୍ନ ମାଳଭୂମି ନାମରେ ବିକ୍ରି କରୁଛି । ଅଦା କେଜି ପିଛା ୩୦ରୁ ୪୦ ଟଙ୍କା ଏବଂ ଗୋଲମରିଚକୁ ଆନ୍ଧ୍ର ବ୍ୟବସାୟୀ କିଣି ନେଇ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ବିକ୍ରି କରୁଛି । କେବଳ ମସଲା ନୁହେଁ ଜିଲ୍ଲାରେ ସୁଗନ୍ଧିତ ଫୁଲ ଓ ପତ୍ରର ପ୍ରକ୍ରିୟାକରଣ ୟୁନିଟ୍ ମଧ କାର୍ଯ୍ୟକ୍ଷମ ହେଉନି । ଜିଲ୍ଲା ଚାଷୀଙ୍କ ସୂଚନା ଅନୁଯାଇ କୋରାପୁଟରୁ ଉତ୍ପାଦନ ହେଉଥିବା ଭଳିକି ଭଳି ବାସନା ଚାଉଳ, ଗୋଲମରିଚ, କଫି, ମରିଚ, ହଳଦୀ ଓ ଅଦାର ସରକାରୀ ସ୍ତରରେ ବଜାର ବ୍ୟବସ୍ଥା ନାହିଁ । ପ୍ରକ୍ରିୟାକରଣ ୟୁନିଟ୍ ନଥିବାରୁ ଉତ୍ପାଦର ପ୍ରକୃତ ମୂଲ୍ୟାୟନ ହୋଇପାରୁନି । ଫଳରେ ଓଡ଼ିଶାର ଉତ୍ପାଦ ଆନ୍ଧ୍ର ସମେତ କେରଳ, ତାମିଲନାଡୁ, ଝାରଖଣ୍ଡ ଓ ଛତିଶଗଡ଼କୁ ଚାଲାଣ ହେଉଛି ।

## ୨୯ ଜୁଲାଇରୁ ୨୦ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ ବିଜେପିର ସମରସ ସଂକଳ୍ପ ଅଭିଯାନ

ଭୁବନେଶ୍ୱର, ୨୭/୭(ନି/ପ୍ର): ଆଧ୍ୟାତ୍ମିକବାଦୀ କବି ସନ୍ଥ ଶିରୋମଣି ଗୁରୁ ରବି ଦାସ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବ ମୁକ୍ତ ସମାଜର ପ୍ରତୀକ ଥିଲେ । ଆଧ୍ୟାତ୍ମିକ ଏବଂ ଭକ୍ତି ମାର୍ଗରେ ଚାଲିବା ସମୟରେ ସନ୍ଥ ରବି ଦାସ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ । ସେ ଜଣେ ମହାନ ସନ୍ଥ ଓ କବି ହେବା ସହ ସମାଜ ସଂସ୍କାରକ ଏବଂ ଭଗବାନଙ୍କ ଅନୁଗାମୀ ଥିଲେ । ସମାଜରୁ ଅସ୍ପୃଶ୍ୟତା, ଉଚ୍ଚନୀଚ ଭେଦଭାବ, ଛୁଆଁ, ଅଛୁଆଁ ଆଦି ଦୂର କରିବା ପାଇଁ ସେ ନିରନ୍ତର ଉଦ୍ୟମ କରୁଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଆହ୍ୱାନକ୍ରମେ ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ୬୫୦ତମ ଜୟନ୍ତୀ ବର୍ଷ ଆସନ୍ତା ୨୯ ଜୁଲାଇ ୨୦୨୬ (ଗୁରୁ ପୂର୍ଣ୍ଣିମା) ଠାରୁ ୨୦ ଫେବୃଆରୀ ୨୦୨୭ (ଶ୍ରୀ ଗୁରୁ ରବିଦାସ ମହାରାଜ ଜୟନ୍ତୀ) ପର୍ଯ୍ୟନ୍ତ ଦ'ଶ୍ରୀ ଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ପାଳନ କରାଯିବ । ଏନେଇ ଶନିବାର ରାଜ୍ୟ କାର୍ଯ୍ୟାଳୟରେ 'ସମରସ ସଂକଳ୍ପ ଅଭିଯାନ'ର ପ୍ରଦେଶସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସନ୍ଥ ରବି ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଭାବନା ଓ ସେ ଦେଇଥିବା ମାର୍ଗଦର୍ଶନ କିପରିଭାବେ ସମସ୍ତଙ୍କ ପାଖରେ ପହଂଚିବ ସେନେଇ କର୍ମଶାଳାରେ ରୂପରେଖ ପ୍ରସ୍ତୁତ ହେବା ସହ ବିସ୍ତୃତ ଆଲୋଚନା ହୋଇଥିଲା । ଗୁରୁ ରବିଦାସଜୀଙ୍କ ଜନ୍ମସ୍ଥଳୀ କାଶୀରୁ ଏହି ଅଭିଯାନର ଶୁଭାରମ୍ଭ ହେବ । ତାଙ୍କ ଜନ୍ମସ୍ଥଳୀରୁ କଳସରେ ମାଟି ଆଣି ଦେଶର ବିଭିନ୍ନ ରାଜ୍ୟକୁ ନିଆଯିବ । ସେହି ମାଟିକୁ ବିଭିନ୍ନ କଳସରେ ଭରି ରାଜ୍ୟର ସବୁ ମଣ୍ଡଳକୁ ନିଆଯିବ । ଏହି ଅଭିଯାନ ଅଧୀନରେ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଏବଂ ଜନସମ୍ପର୍କମୂଳକ କାର୍ଯ୍ୟକ୍ରମ କରାଯିବ । ଏଥିରେ ବହୁ ସଂଖ୍ୟାରେ ସାଧୁ ସନ୍ଥମାନେ ସାମିଲ ହେବେ । ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ଜୀବନ, ଦର୍ଶନ, ସମାନତା, ଭକ୍ତି, ସେବା, ସାମାଜିକ ନ୍ୟାୟ ଓ ମାନବତାର ବାର୍ତାକୁ ସମଗ୍ର ଦେଶରେ ବ୍ୟାପକ ଭାବେ ପ୍ରଚାର କରାଯିବ । ସମାଜରେ ତଳ ସେପାନରେ ରହୁଥିବା ବ୍ୟକ୍ତିଙ୍କ ପାଖରେ ବିଜେପିର କାର୍ଯ୍ୟକର୍ତାମାନେ କିପରି ପଂହଚିବେ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା । ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ଶ୍ରୀ ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ କେନ୍ଦ୍ରୀୟ କମିଟିର ସଂଯୋଜକ ତଥା ପୂର୍ବତନ ସାଂସଦ ଶ୍ରୀମତୀ ସୁନିତା ଦୁଗଲ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମୁକେଶ ମହାଲିଙ୍ଗ, ଯାଜପୁର ସାଂସଦ ରବିନାରାୟଣ ବେହେରା, ବିଧାୟକ ରଘୁନାଥ ଜଗଦଲା, ଅଗସ୍ତି ବେହେରା, ରାଜ୍ୟ ସାଧାରଣ ସଂପାଦକ ଶରାଦା ପ୍ରସାଦ ଶତପଥୀ, ରାଜ୍ୟ ସଂପାଦକ ସରୋଜ କର, ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ସଭାପତି ବାଇଧର ମଲ୍ଲିକ, ଅନୁସୂଚିତ ଜାତି ମୋର୍ଚ୍ଚା କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ମଲ୍ଲିକ ଓ ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ ଟୋଲି, ଜିଲ୍ଲା ସଭାପତି ଓ ଜିଲ୍ଲା ଟୋଲିର ସଦସ୍ୟମାନେ ଯୋଗଦେଇଥିଲେ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ମଙ୍ଗଳବାର ୨୮ ଜୁଲାଇ ୨୦୨୬

# ଉତ୍କ୍ଷେପିତ ଭାରତ !

ବର୍ତ୍ତମାନ ମହାକାଶ ଶିଳ୍ପ କ୍ଷେତ୍ରରେ ଚହଳ ସୃଷ୍ଟି କରିଥିବା ଭାରତର ଘରୋଇ କ୍ଷେତ୍ର କଂପାନି 'ସ୍କାଏରୁଟ୍ ଏରୋସ୍ପେସ୍' ଦ୍ୱାରା ନିର୍ମିତ ରକେଟ୍ 'ବିକ୍ରମ୍-୧' ଗତ ଶନିବାର ସଫଳତାର ସହିତ କକ୍ଷପଥରେ ପେଲୋଡ୍ ସ୍ଥାପନ କରି ଇତିହାସ ରଚନା କରିଛି ବୋଲି କହିଲେ ଅତିରଞ୍ଜନ ହେବ ନାହିଁ। ଏହା ଭାରତକୁ ଘରୋଇ କ୍ଷେତ୍ରରେ ନିର୍ମିତ କାର୍ଯ୍ୟକ୍ଷମ ରକେଟ୍ ଥିବା ପୃଥିବୀର ମାତ୍ର ତିନିଟି ଦେଶ ମଧ୍ୟରୁ ଗୋଟିଏରେ ପରିଣତ କରିଥାଏ; ଅନ୍ୟ ଦୁଇଟି ଦେଶ ହେଉଛନ୍ତି- ଆମେରିକା ଓ ଫ୍ରାନ୍ସ। ଭାରତ ପାଇଁ ଯାହା ହେଉଛି ବିଶେଷ ଗର୍ବର ବିଷୟ, ତାହା ହେଲା, ଏଇ ଘରୋଇ ସ୍ପେସ୍ ଟେକ୍ନୋଲୋଜି କଂପାନିର ପ୍ରତିଷ୍ଠାତା ହେଉଛନ୍ତି କେତେ ଜଣ ଯୁବ ଉଦ୍ୟୋଗୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଗର୍ବରେ ଘୋଷଣା କରିଥିବା ଭଳି ଯେଉଁମାନଙ୍କର ହାରାହାରି ବୟସ ହେଉଛି ୨୮ ବର୍ଷ ମାତ୍ର। ଭାରତରେ ଘରୋଇ କ୍ଷେତ୍ରରେ ଏକ ମହାକାଶ ଅନୁସନ୍ଧାନ ଉଦ୍ୟୋଗ ପ୍ରତିଷ୍ଠା କରାଯିବା ପାଇଁ ଆବଶ୍ୟକ ପ୍ରାବିଧିକ ଦକ୍ଷତା ଉପଲବ୍ଧ ଅଛି କି ନାହିଁ, ତାହାକୁ କେନ୍ଦ୍ରକରି ଅତୀତରେ ଯେଉଁ ସନ୍ଦେହ ରାଜୁତି କରୁଥିଲା, ଏଇ ବିଚକ୍ଷଣ ଯୁବ ବୈଜ୍ଞାନିକମାନେ ସେଥିରେ ଏବେ ଅନ୍ତ ଘଟାଇଛନ୍ତି। ଏଇ ପ୍ରାବିଧିକ ବିତର୍କର ଅବସାନ ଘଟିବା ପରେ ବର୍ତ୍ତମାନ ତା' ସ୍ଥାନରେ ଯେଉଁ ଏକ ନୂତନ ବିତର୍କ ଯଥାର୍ଥ ଭାବରେ ମୁଣ୍ଡ ଟେକିବାକୁ ଆରମ୍ଭ କରିଛି, ତାହା ହେଉଛି- ବ୍ୟାବସାୟିକ ବିତର୍କ। ପ୍ରଶ୍ନ ଉଠୁଛି ଏଇ ପ୍ରାବିଧିକ ସଫଳତା ଆଧାରରେ ଏକ ସଫଳ ମହାକାଶ ଉତ୍ ?କ୍ଷେପଣ ବ୍ୟବସାୟ ସୃଷ୍ଟି କରାଯାଇ ପାରିବ କି ? ମହାକାଶ ଅର୍ଥନୀତିରେ ବ୍ୟାବସାୟିକ ସଫଳତା କେବଳ ଇଞ୍ଜିନିଅରିଙ୍ଗ ଚମତ୍କାରିତା ଉପରେ ନିର୍ଭର କରି ନ ଥାଏ; ତିନିଟି ଅନ୍ୟ କ୍ଷମତା ଏଥିରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥାନ୍ତି: ଉତ୍କ୍ଷେପଣର ନିର୍ଭରଯୋଗ୍ୟତା, ନିୟମିତତା ଓ ଲାଭପ୍ରଦତା। ୨୦୨୦ରେ ଭାରତରେ ମହାକାଶ ଗବେଷଣା କ୍ଷେତ୍ରରେ ଘରୋଇ ଉଦ୍ୟୋଗର ପ୍ରବେଶକୁ ଅନୁମତି ପ୍ରଦାନ କରାଯିବା ପରେ ରାଷ୍ଟ୍ରାୟନ୍ତ 'ଇସ୍ରୋ' ସହିତ ମିଳିତ ଘରୋଇ କ୍ଷେତ୍ରର ଉଦ୍ୟୋଗୀମାନେ ଭାରତୀୟ ଉତ୍କ୍ଷେପଣ କ୍ଷମତାରେ ଉଲ୍ଲେଖନୀୟ ଉନ୍ନତି ହାସଲ କରିବାରେ ସଫଳ ହୋଇଛନ୍ତି। ତେବେ ସେମାନଙ୍କର ଏଇ ଦକ୍ଷତାକୁ ଆନ୍ତର୍ଜାତିକ ମହାକାଶ ବ୍ୟବସାୟ କ୍ଷେତ୍ରରେ ସକ୍ରିୟ ଥିବା ସଂସ୍ଥାମାନଙ୍କ ସହିତ ସଫଳ ଭାବରେ ପ୍ରତିଯୋଗିତା କରିବାର ଆୟୁଧରେ ପରିଣତ କରିବା ହେଉଛି ବର୍ତ୍ତମାନ ସେମାନଙ୍କ ପାଇଁ ନୂତନ ଆହ୍ୱାନ। ଉତ୍କ୍ଷେପଣ ସେବାର ଗ୍ରାହକମାନେ କେବଳ ଗୋଟିଏ ସଫଳ ଉତ୍ ?କ୍ଷେପଣ ସୃଷ୍ଟି କରିଥିବା ଚାଂଚଲ୍ୟ ଦ୍ୱାରା ପ୍ରଭାବିତ ହୋଇ ସେମାନଙ୍କର ସେବା ପ୍ରଦାନକାରୀଙ୍କୁ ଚୟନ କରି ନଥାନ୍ତି। ଏକାଧିକ ଉତ୍ ?କ୍ଷେପଣରେ ପରିଦୃଷ୍ଟ ନିର୍ଭରଯୋଗ୍ୟତା, ଉତ୍କ୍ଷେପଣ ନିର୍ଘଂଟର ନିଶ୍ଚିତତା, ଉତ୍କ୍ଷେପଣ ପାଇଁ ପ୍ରଦାନ କରିବାକୁ ପଡୁଥିବା ଦେୟର ପ୍ରତିଯୋଗିତାତ୍ମକତା ଏବଂ ଭବିଷ୍ୟତରେ ସେମାନଙ୍କର ପାରଦର୍ଶିତା ଉପରେ ବିଶ୍ୱାସ ଆଦି ଗ୍ରାହକମାନଙ୍କର ନିଷ୍ପତିକୁ ପ୍ରଭାବିତ କରିଥାଏ। ସମ୍ଭାବ୍ୟ ଗ୍ରାହକମାନେ ତେଣୁ ଏକାଧିକ ଉତ୍କ୍ଷେପଣରେ 'ସ୍କାଏରୁଟ୍' ତା'ର ପ୍ରଥମ ମିସନ୍‌ରେ ହାସଲ କରିଥିବା ସଫଳତାର ପୁନରାବୃତି ଦେଖିବାକୁ ଅପେକ୍ଷା କରିବେ। ସେମାନଙ୍କ ପାଇଁ 'ବିକ୍ରମ୍-୧' ରକେଟ୍ କେବଳ ଏକ ହାବେଳି ବାଣ ନୁହେଁ, ଯାହାର ଗୋଟିଏ ମାତ୍ର ଉତ୍କ୍ଷେପଣ ସହିତ ତା'ର ଆୟୁଷ ପୂର୍ଣ୍ଣ ହୋଇଯାଇଥାଏ। ଏହା ହେଉଛି ଏକ ଉତ୍ ?କ୍ଷେପଣ ଶୃଙ୍ଖଳର ଅଂଶ ଯାହା ଉପରେ ସମ୍ଭାବ୍ୟ ଗ୍ରାହକମାନେ ଦୀର୍ଘକାଳୀନ ସୂତ୍ରରେ ଭରସା କରିପାରିବେ। 'ସ୍କାଏରୁଟ୍'ର ସଫଳତାର ତାତ୍ପର୍ଯ୍ୟ କେବଳ ସେଇ କଂପାନି ମଧ୍ୟରେ ସୀମିତ ନୁହେଁ। ଭାରତରେ ମହାକାଶ ବ୍ୟବସାୟ କ୍ଷେତ୍ରରେ ଆବିର୍ଭାବ ଘଟିଚାଲିଥିବା ଏକାଧିକ 'ଷ୍ଟାର୍ଟ-ଅପ୍'ମାନ ମଧ୍ୟ 'ସ୍କାଏରୁଟ୍'ର ଭାଗ୍ୟ ଉପରେ ଉତ୍ସୁକତାର ସହିତ ନିଘା ରଖିଛନ୍ତି। ଏଭଳି ଯେଉଁ କେତେକ 'ଷ୍ଟାର୍ଟ-ଅପ୍' କଂପାନିମାନଙ୍କର ନାମ ଏଠାରେ ଉଲ୍ଲେଖଯୋଗ୍ୟ, ସେମାନେ ହେଉଛନ୍ତି- 'ଅଗ୍ନିକୁଲ କସ୍ମସ୍', 'ପିକ୍ସେଲ୍', 'ଦିଗନ୍ତରା', 'ବେଲାଟ୍ରିକ୍ସ ଏରୋସେସ୍' ଆଦି। ସେମାନେ ଉତ୍ ?କ୍ଷେପଣ ସେବାରୁ ଆରମ୍ଭ କରି ସାଟେଲାଇଟ୍ ନିର୍ମାଣ, ମହାକାଶ ସ୍ଥିତି ସଚେତନତା ଓ ପ୍ରପଲ୍‌ସନ୍ ସିଷ୍ଟମ୍ ଆଦି କ୍ଷେତ୍ରମାନଙ୍କରେ ସକ୍ରିୟ ଅଛନ୍ତି। ସେମାନଙ୍କର ଭାଗ୍ୟ ମଧ୍ୟ କୌଣସି ଗୋଟିଏ ପ୍ରାବିଧିକ ସଫଳତା ଉପରେ ନିର୍ଭର ନ କରି ଏକ ସଫଳ ବ୍ୟାବସାୟିକ ମହାକାଶ ଅର୍ଥନୀତି ସୃଷ୍ଟି ଉପରେ ନିର୍ଭର କରିବ। ସରକାର ଏହାକୁ ଧ୍ୟାନରେ ରଖି ମହାକାଶ ନୀତିରେ ବିବର୍ତ୍ତନ ଘଟାଇବାକୁ ହେବ। ସରକାରଙ୍କର ସଂସ୍କାରର ଅଂଶସ୍ୱରୂପ ଏ କ୍ଷେତ୍ରରେ ଘରୋଇ ଉଦ୍ୟୋଗର ଯେଉଁ ପ୍ରବେଶ ଘଟିଛି ଓ ସେମାନଙ୍କୁ 'ଇସ୍ରୋ'ର ସୁବିଧାସୁଯୋଗମାନ ବ୍ୟବହାର କରିବାକୁ ଅନୁମତି ମିଳିଛି, 'ସ୍କାଏରୁଟ୍'ର ସଫଳତା ଶକ୍ତିଶାଳୀ ଢଙ୍ଗରେ ତାହାର ଯଥାର୍ଥତା ପ୍ରମାଣିତ କରିଛି। ସଂସ୍କାରର ପରବର୍ତ୍ତୀ ପର୍ଯ୍ୟାୟ ଯେଉଁ କେତେକ ଦିଗ ପ୍ରତି ଗୁରୁତ୍ୱ ପ୍ରଦାନ କରିବା ଆବଶ୍ୟକ, ସେଥିରେ ଅନ୍ତର୍ଭୁକ୍ତ- ନିୟନ୍ତ୍ରଣରେ ନିଶ୍ଚିତତା, ସମୟୋଚିତ ଅନୁମୋଦନ ପ୍ରଦାନ, ପରୀକ୍ଷଣ ଓ ଉତ୍କ୍ଷେପଣ ଭିତ୍ତିଭୂମିର ଉପଲବ୍ଧତା, ଏବଂ ସର୍ବୋପରି ଏକ ଶକ୍ତିଶାଳୀ ଘରୋଇ ଯୋଗାଣକାରୀ ଭିତ୍ତି ସୃଷ୍ଟି। ଏହା ବାଦ୍ ମହାକାଶ କ୍ଷେତ୍ରରେ ନିବେଶରୁ ଆୟ ସୃଷ୍ଟି ହେବା ପାଇଁ ଅପେକ୍ଷାକୃତ ଭାବେ ଦୀର୍ଘ ସମୟ ଲାଗୁଥିବା ହେତୁ, ଏଥିପାଇଁ ଦୀର୍ଘକାଳୀନ ପୁଞ୍ଜି ନିବେଶ ଆବଶ୍ୟକ ହୋଇଥାଏ। ଘରୋଇ ମହାକାଶ କାର୍ଯ୍ୟକ୍ରମରୁ ଆମର ପ୍ରତ୍ୟାଶା ଏଇ ସମସ୍ତ ବାସ୍ତବତାକୁ ବିଚାରକୁ ନେବା ଜରୁରି। 'ବିକ୍ରମ୍-୧'କୁ କେନ୍ଦ୍ରକରି ଦେଶରେ ସୃଷ୍ଟି ହୋଇଥିବା ଉଲ୍ଲାସ ସଂପୂର୍ଣ୍ଣ ରୂପେ ଯଥାର୍ଥ, ଏଥିରେ କୌଣସି ସନ୍ଦେହ ନାହିଁ। ଏହା ହେଉଛି ବର୍ଷ ବର୍ଷ ଧରି ଘଟିଥିବା ନୀତିଗତ ସଂସ୍କାର, ଇଞ୍ଜିନିଅରିଙ୍ଗ ଉଦ୍ୟମ, ଓ ଔଦ୍ୟୋଗିକ ପରାକାଷ୍ଠାର ବହୁ ଅପେକ୍ଷିତ ଫଳ। କିନ୍ତୁ ଏହାକୁ ଆମର ଅନ୍ତିମ ସଫଳତା ରୂପେ ବିଚାର କରି ଆମେ ଆତ୍ମସନ୍ତୋଷରେ ନିମଗ୍ନ ହୋଇଯିବାରୁ ନିବୃତ ହେବା ଜରୁରି। କେବଳ ଗୋଟିଏ ସଫଳ 'ଷ୍ଟାର୍ଟ-ଅପ୍' କିମ୍ବା ଗୋଟିଏ ସଫଳ ରକେଟ୍ ମହାକାଶ ବ୍ୟବସାୟରେ ଆମର ସଫଳତାର ପ୍ରକୃତ ପରିମାପକ ନୁହେଁ। ଯେତେବେଳେ ଭାରତରେ ଏକାଧିକ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତାକ୍ଷମ ମହାକାଶ କଂପାନିମାନଙ୍କର ଆବିର୍ଭାବ ଘଟିବ, ଯେଉଁମାନେ ନିୟମିତ ଭାବରେ ଗ୍ରାହକମାନଙ୍କୁ ଉତ୍କ୍ଷେପଣ ସେବା ଯୋଗାଇ ଚାଲିବେ ଏବଂ ନିୟମିତ ଆୟର ସ୍ରୋତ ସୃଷ୍ଟି କରିବେ, ସେତେବେଳେ ଭାରତ ଏ କ୍ଷେତ୍ରରେ ବାସ୍ତବ ସଫଳତା ହାସଲ କଲା ବୋଲି ଦାବି କରାଯାଇ ପାରିବ। ବର୍ତ୍ତମାନ ସେଇ ଦୀର୍ଘ ଯାତ୍ରାପଥରେ 'ବିକ୍ରମ୍-୧'ର ସଫଳ ଉତ୍ ?କ୍ଷେପଣ ଦ୍ୱାରା ଆମେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାବିଧିକ ମାଇଲଖୁଂଟି ଅତିକ୍ରମ କରିଛୁ ବୋଲି କୁହାଯାଇ ପାରିବ। ଏଇ ପ୍ରାବିଧିକ ଉପଲବ୍ଧିକୁ କିପରି ଏକ ବ୍ୟାବସାୟିକ ସଫଳତାରେ ପରିଣତ କରାଯାଇ ପାରିବ, ତାହାର ଉପାୟ ଅନୁସନ୍ଧାନ କରିବା ଓ ତାହାକୁ କାର୍ଯ୍ୟକାରୀ କରିବା ହେଉଛି ଆମର ମହାକାଶ ଉଦ୍ୟୋଗୀ ଓ ନୀତିନିର୍ଦ୍ଧାରକମାନଙ୍କ ପାଇଁ ଭବିଷ୍ୟତର ଆହ୍ୱାନ।

# ଚିନ୍ମୟ ଚେତନା : ଛୋଟ ମୋର ନାଁଟି



ମୋର ନିଜ ନାଁଟି ପ୍ରତି ମୋର ଅନୁରାଗ ପ୍ରବଳ। ଏହି ନାମର ଉଚ୍ଚାରଣଠୁଁ ବଳି ଅଧିକ ସୁମଧୁର ସଙ୍ଗୀତ ମୋ କାନରେ କେବେ ବାଜି ନାହିଁ। ନିଜ ନାଁ ପ୍ରତି ଏହି ଅତି ଆସକ୍ତି ମୋର ଏକ ଅସ୍ୱାଭାବିକତା କି ? ଏ ବିଷୟରେ ମୋ ମନରେ ଥିବା ସନ୍ଦେହରୁ ଆଶ୍ୱସ୍ତି ମିଳିଲା, ଯେତବେଳେ ମୁଁ ଜାଣିଲି କୋଟି କୋଟି ଜନତାଙ୍କୁ ପ୍ରଭାବିତ କରିଥିବା ଆମେରିକୀୟ ଲେଖକ ଡେଲ୍ କାର୍ନେଗିଙ୍କ ଏହି ପ୍ରସଙ୍ଗରେ ଉକ୍ତିଟିକୁ। ପ୍ରେରଣାତ୍ମକ, ଆତ୍ମ-ସୁଧାର ମୂଳକ ତଥା ବ୍ୟକ୍ତିତ୍ୱ ଉନ୍ନତି ବିଷୟକ ପୁସ୍ତକଗୁଡ଼ିକର ଆଦ୍ୟ ସ୍ରଷ୍ଟା କାର୍ନେଗିଙ୍କ କହିବା ଅନୁସାରେ 'ଯେ କୌଣସି ଭାଷାରେ ହେଉନା କାହିଁକି, ଜଣେ ବ୍ୟକ୍ତି ପାଇଁ ତାଙ୍କ ନିଜ ନାଁଟି ସବୁଠାରୁ ସୁମିଷ୍ଟ ଓ ମହତ୍ୱପୂର୍ଣ୍ଣ ଶବ୍ଦ।' ତେଣୁ କାର୍ନେଗି କହୁଥିଲେ ଯେ କାହାକୁ ପ୍ରଭାବିତ କରିବାକୁ ହେଲେ ପ୍ରଥମେ ତା'ର ନାଁଟିକୁ ମନେ ରଖ, ଆଉ ସଠିକ୍ ? ଉଚ୍ଚାରଣ କରି ଡାକ। ଏହା ଦ୍ୱାରା ଲୋକଟିର ଆତ୍ମସମ୍ମାନ ଆପଣା ଛାଏଁ ବଢ଼ିଯିବ ଓ ସେ ତୁମେ କହୁଥିବା କଥାକୁ ଆହୁରି ଧ୍ୟାନ ଦେଇ ଶୁଣିବ। ଏହି ମନସ୍ତାତ୍ତ୍ୱିକ ନିଷ୍କର୍ଷଗୁଡ଼ିକୁ ଛାଡ଼ି ଆସନ୍ତୁ ଫେରିବା ମୋ ନିଜ ନାଁ ସମ୍ପର୍କିତ ମୋର ଅନୁଭୂତିଗୁଡ଼ିକୁ। ପାଂଚ ଦଶକ ପୂର୍ବେ ଉଭୟ ମୋର ନାଁ ଓ ସାଙ୍ଗିଆ ଥିଲା ଅପେକ୍ଷାକୃତ ବିରଳ, ଯାହା କି ମୋତେ କିଛିଟା ଆତ୍ମସନ୍ତୋଷ ଯୋଗାଉଥିଲା। ସମଗ୍ର ସ୍କୁଲରେ ଏହି ନାମଗୁଡ଼ିକର ଏକମାତ୍ର ସ୍ୱତ୍ୱାଧିକାରୀ ଥିଲି ମୁଁ। ତେଣୁ ମୋ ସାଙ୍ଗମାନେ ମୋତେ ସମ୍ବୋଧନ କରିବା ପାଇଁ ଏ ଦୁଇଟି ଭିତରୁ ଅପେକ୍ଷାକୃତ ସରଳ ଓ ଯୁକ୍ତାକ୍ଷର-ମୁକ୍ତ 'ହୋତା' ଶବ୍ଦଟିକୁ ବାଛି ନେଇଥିଲେ। କିନ୍ତୁ ମୁଁ କ'ଣ ଜାଣିଥିଲି ଯେ ସେମାନେ ନାମଟିର ଘନିଷ୍ଠତା ଭିତରେ ଆବଶ୍ୟକ ସ୍ଥଳେ ତାଙ୍କର ସାଧାରଣ ଜ୍ଞାନ ହରାଇ ବସିବେ ବୋଲି ? ଥରେ ଛୁଟିଦିନ ସକାଳେ କେତେଜଣ ସାଙ୍ଗ ଆମ ଘର ସାମନାରେ ଠୁଳ ହୋଇ ମୋ ଉଦ୍ଦେଶ୍ୟରେ ଡାକ ପକାଇଲେ, 'ହୋତା, ହୋତା !' ବାପା ଘରେ ଥିବାରୁ କବାଟ ଖୋଲି ସେମାନଙ୍କୁ ମଜାଳିଆ ସ୍ୱରରେ ପଚାରିଲେ, 'ଏଠି ଛ' ଜଣ ହୋତା ଅଛନ୍ତି, ତୁମର କୋଉ ହୋତାକୁ ଦରକାର' ତାଙ୍କର ପ୍ରିୟ ସାଙ୍ଗଟି ହଠାତ କେମିତି ଛ' ଜଣରେ ପରିବର୍ତ୍ତିତ ହୋଇଗଲା ବୋଲି ଚିନ୍ତା କରୁ କରୁ ସେମାନେ ମୋର ପ୍ରଥମ ନାଁଟି ଆଉ ମନେ ପକେଇ ପାରିଲେ ନାହିଁ ଓ ବଲବଲ କରି ବାପାଙ୍କ ମୁହଁକୁ ଚାହିଁ ରହିଲେ। ବାପା ସବୁ କଥା ବୁଝିପାରି କହିଲେ, 'ରୁହ, ଚିନ୍ମୟକୁ ଡାକି ଦେଉଛି।' ଏ ଘଟଣାର ଅନେକ ବର୍ଷ ପରେ ନିଜ ସାଙ୍ଗିଆକୁ ନେଇ ପୁଣି ଏକ ରହସ୍ୟମୟ ପରିସ୍ଥିତି ସୃଷ୍ଟି ହୋଇଥିଲା, ମୋର ଜଣେ ସାଙ୍ଗଙ୍କ ଅଧସ୍ତନ କର୍ମଚାରୀଙ୍କ ଜରିଆରେ। ସାଙ୍ଗ ଥିଲେ ଅନ୍ୟ ଏକ ରାଜ୍ୟରେ ପୁଲିସ ବିଭାଗର ଉଚ୍ଚାଧିକାରୀ। ସେତେବେଳେ ମୋବାଇଲ ଫୋନର ପ୍ରଚଳନ ଆରମ୍ଭ ହୋଇ ନ ଥିବାରୁ ଲ୍ୟାଣ୍ଡ୍‌ଲାଇନ୍ ଫୋନରେ କଥାବାର୍ତ୍ତା କରିବାକୁ ପଡୁଥିଲା। ଆଦବକାଇଦା ଅନୁସାରେ ବନ୍ଧୁଙ୍କ ବ୍ୟକ୍ତିଗତ ସହାୟକ ଫୋନ ଉଠାଇ ପରିଚୟ ପଚାରିଥିଲେ। ମୁଁ ମୋ ନାଁଟି କହିବାରୁ ସେ ନିଶ୍ଚିତ ହେବା ପାଇଁ ପଚାରିଲେ 'ଗୁପ୍ତାଜୀ' ମୁଁ କହିଲି, 'ନାଇଁ, ହୋତା''। ସେ କହିଲେ, 'ଠିକ୍ ? ଅଛି ତେବେ, ଗୁପ୍ତାଜୀ'। ସେ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ଯେ 'ଓଡ଼ିଶାରୁ ଗୁପ୍ତାଜୀ ଆପଣଙ୍କ ସହ କଥା ହେବାକୁ ଚାହୁଁଛନ୍ତି।' ଏମିତି ଆଉ କିଛି ଥର ଘଟଣାର ପୁନରାବୃତ୍ତି ହେବା ପରେ ମୁଁ, ବନ୍ଧୁ ଓ ତାଙ୍କ ସହାୟକଙ୍କ ତ୍ରିକୋଣୀୟ ସମ୍ପର୍କ ଭିତରେ 'ହୋତା' ଶବ୍ଦଟି ସବୁ ଦିନ ପାଇଁ ପରିବର୍ତ୍ତିତ ହୋଇଗଲା 'ଗୁପ୍ତା'ରେ। ଉଭୟ ମୁଁ ଓ ମୋର ବନ୍ଧୁ, ମୋ ନାଁ ସମ୍ବନ୍ଧୀୟ ସହାୟକଙ୍କର ବଦ୍ଧମୂଳ ଧାରଣାଟିକୁ ବଦଳେଇବା ପାଇଁ ଚାହି ନ ଥିଲୁ, କାରଣ ତାହା ଏକ କଠିନ କାମ ହୋଇଥାନ୍ତା। ଏହି ଅଭିଜ୍ଞତାରୁ ମୁଁ ଜାଣିଲି ଆମ ଦେଶରେ 'ହୋତା' ସହିତ ସର୍ବାଧିକ ଛନ୍ଦ ମିଶୁଥିବା ସାଙ୍ଗିଆଟି ହେଲା 'ଗୁପ୍ତା'। ନାଁଟି କିନ୍ତୁ ଇଂରେଜୀ ଲେଖାରୁ ପଢ଼ି ବହୁତ ଲୋକ ଏହାକୁ 'ହୋଟା' (ଯେମିତିକି ଟାଟା, ବାଟା) ଉଚ୍ଚାରଣ କରିଥାନ୍ତି। ମୋ ପ୍ରିୟ ନାଁଟିର ବିକୃତି ଖାଲି ଆମ ଦେଶ ଭିତରେ ସୀମିତ ନୁହେଁ, ଏହା ବିଦେଶକୁ ମଧ୍ୟ ବ୍ୟାପି ଯାଇଛି। ଥରେ ଚୀନ ଦେଶର ସଂଘାଇ ବିମାନ ବନ୍ଦର ଗେଟ୍ ବାହାରେ ବାହାରେ ମୋ ପାଇଁ ଅପେକ୍ଷାରତ ଟ୍ୟାକ୍ ?ସି ଚାଳକ ମୋ ନାଁର ଯେଉଁ ନାମ ଫଳକଟି ଧରିଥିଲେ, ସେଥିରେ ମୋର ସାଙ୍ଗିଆ ଲେଖାଥିଲା 'ହୋକ୍ ?ସା'। 'ଯେ ଦେଶେ ଯାଇ, ସେ ଫଳ ଖାଇ' ନ୍ୟାୟରେ ମୁଁ ମୋର ଆତ୍ମ-ଅଭିମାନକୁ ଢୋକି ପକାଇ ଚୁପ୍ ?ଚାପ୍ ? ତାଙ୍କ ଗାଡ଼ିରେ ବସିଥିଲି। ନିଜ ନାଁକୁ ଇ[ ?ର୍ନେଟ୍ ?ରେ ଖୋଜିବା ଗତ କିଛି ବର୍ଷ ହେଲା ଅନେକଙ୍କ ଗୋଟିଏ ସଉକରେ ପରିଣତ ହୋଇଗଲାଣି। ଏହି ଅଭ୍ୟାସଟିକୁ ଏକ ସୁନ୍ଦର ନାଁ ମଧ୍ୟ ଦିଆଯାଇଛି: 'ଅହଂ ସନ୍ଧାନ' ବା 'ଇଗୋ ସର୍ଚ୍ଚ'। ଏହି 'ଅହଂ ସନ୍ଧାନ' ଜରିଆରେ ମଧ୍ୟ ମୁଁ ଜାଣିବାକୁ ପାଇଛି ଯେ 'ଚିନ୍ମୟ ହୋତା' ନାମଟି ଆଉ ଏକ ବିରଳ ନାଁ ହୋଇ ରହି ନାହିଁ। ମୋ ପର ପିଢ଼ିମାନଙ୍କରେ ଅବିକଳ ଏହି ନାମଧାରୀ ଅନେକ ମଣିଷ ଧରଣୀର କୋଳ ମଣ୍ଡନ କଲେଣି। ହିରୋସୀମାର ଶାନ୍ତି ସ୍ମାରକୀ ଠାରେ ପରମାଣୁ ବୋମା ଦ୍ୱାରା ମୃତ ୩୨୮,୯୨୯ ଜଣଙ୍କର ନାମ କାନ୍ଥଗୁଡ଼ିକରେ ଲେଖା ହୋଇଛି। ସେ ନାମଗୁଡ଼ିକ ଉପରେ ଆଖି ବୁଲାଇବା ବେଳେ ମଧ୍ୟ ମୋ ଆଖି ଆପଣାଛାଏଁ ଟାଣି ହୋଇଯାଇଛି 'ହୋନ୍ନା' ସାଙ୍ଗିଆ ଯୁକ୍ତ କେତୋଟି ନାଁ ଉପରକୁ। ଇଂଟରନେଟ୍‌ର ଅନ୍ୟ 'ଚିନ୍ମୟ ହୋତା'ମାନେ ହୁଅନ୍ତୁ କି ହିରୋସୀମା ସ୍ମାରକୀର 'ହୋତା'ମାନେ ହୁଅନ୍ତୁ, ମୁଁ କାହାକୁ ବ୍ୟକ୍ତିଗତ ଭାବରେ ଜାଣେ ନାହିଁ। ହେଲେ ଆମର ସମାନ ନାମଟି ଯୋଗୁଁ ମୋତେ ଲାଗେ ସତେ ଯେମିତି ସେହି ଅଜଣା ବ୍ୟକ୍ତିମାନଙ୍କ ସହ ମୁଁ ଏକ ଆତ୍ମିକ ବନ୍ଧନରେ ବନ୍ଧା। ନାଁ କେବଳ ଗୋଟିଏ ଧ୍ୱନି। କିନ୍ତୁ ତା'ରି ମାଧ୍ୟମରେ ବି ଝଙ୍କୃତ ହୋଇ ଚାଲିଛି କେତେ ଅଜ୍ଞାତ ସମ୍ପର୍କର ସ୍ପନ୍ଦନ।

# ଦରଦୀ ଠାକୁର କାଳିଆ ଠାକୁର

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶ୍ରେଷ୍ଠ,ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମ୍ ୭/ ୬/ ୧ ରେ ଏହା ବର୍ଣ୍ଣିତ ଅଛି, 'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ । ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।' ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ । ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଈଶ୍ୱରଙ୍କ ସବୁଠାରୁ ଶ୍ରେଷ୍ଠ ସଂରଚନା ହେଉଛି ମନୁଷ୍ୟ । ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶ୍ରେଷ୍ଠଜୀବ ମନୁଷ୍ୟ ।ନିଜର ବୁଦ୍ଧି ଓ ବିବେକ ପାଇଁ ଶ୍ରେଷ୍ଠତ୍ୱର ଆସନ ଅଳଙ୍କୃତ କରିଛି ମନୁଷ୍ୟ ।ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ । ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୁର୍ଲଭ ।ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ବିଶ୍ୱର ଶ୍ରେଷ୍ଠ ଜୀବ ବୋଲି ଡିଣ୍ଡିମ ପିଟୁଥିବା ମନୁଷ୍ୟ ଅନେକ କ୍ଷେତ୍ରରେ ମାନବିକତା ଶୂନ୍ୟ ଏବଂ ସମ୍ବେଦନହୀନତାର ପରିଚୟ ଦେଇ ସମଗ୍ର ମାନବ ଜାତିକୁ କଳଙ୍କିତ କରିଛି ।ଏପରି ଅନେକ ଦୃଷ୍ଟାନ୍ତ ରହିଛି ।ଏକବିଂଶ ଶତାବ୍ଦୀର ଅର୍ଥସର୍ବସ୍ୱ ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସବୁକିଛି ହୋଇପଡିଛି ତା ପାଖରେ ଦୟା, ମାନବିକତା, ପ୍ରେମ, ସ୍ନେହ, ମମତା, ଆବିଳତା ଯେପରି ମୂଲ୍ୟହୀନ ହୋଇପଡିଛି ।ସାମାନ୍ୟ ଅର୍ଥ ଲାଳସାରେ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତି ଲୋଭରେ ଆମ ସମାଜରେ ଅନେକ ବ୍ୟକ୍ତି ଖାଦ୍ୟଦ୍ରବ୍ୟ ଟାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ମେଡ଼ିସିନ ପ୍ରଯ୍ୟନ୍ତ ବ୍ୟାପକ ଅପମିଶ୍ରଣ କରି ଅନେକ ନିରୀହ ବ୍ୟକ୍ତିଙ୍କ ଜୀବନକୁ ବିପଦରେ ପକାଉଛନ୍ତି । ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେଉଁଠି ନିରୀହ ପଶୁପକ୍ଷୀ ତଥା ସରଳ ସାଧାରଣ ବ୍ୟକ୍ତିଙ୍କୁ ଅକଥନୀୟ ଅତ୍ୟାଚାର ସହିବାକୁ ପଡିଛି ।ନିଜର ସ୍ୱାର୍ଥସାଧନ ପାଇଁ ଯେଉଁଠି କିଛି ସନ୍ତାନ, ସନ୍ତତି ନିଜର ଜନ୍ମ କଲା ବୃଦ୍ଧ ପିତାମାତାଙ୍କୁ ଜୀବନରେ ମାରିଦେବାକୁ ମଧ ତିଳେମାତ୍ର ପଛଘୁଂଚା ଦିଅନ୍ତି ନାହିଁ । ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେଉଁଠି ନିରୀହ ପଶୁପକ୍ଷୀ ତଥା ସରଳ ସାଧାରଣ ବ୍ୟକ୍ତିଙ୍କୁ ଅକଥନୀୟ ଅତ୍ୟାଚାର ସହିବାକୁ ପଡିଛି ।ନିଜର ସ୍ୱାର୍ଥସାଧନ ପାଇଁ ଯେଉଁଠି କିଛି ସନ୍ତାନ, ସନ୍ତତି ନିଜର ଜନ୍ମ କଲା ବୃଦ୍ଧ ପିତାମାତାଙ୍କୁ ଜୀବନରେ ମାରିଦେବାକୁ ମଧ ତିଳେମାତ୍ର ପଛଘୁଂଚା ଦିଅନ୍ତି ନାହିଁ । ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ ।ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ ।କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ ।ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା । ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଚାଂଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର ।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦେଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ ,ଜାପାନ ,ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମ କୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ୱ କୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି ' ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ । ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ । ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ । ବିନାଶ କରିବା ପାଇଁ ଏ ଧର୍ମ ଅସ୍ଥିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟ ।ନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତନ୍ତ୍ର ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚ଼ରିତ୍ର ହିନ୍ଦୁ ର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ । ଋକ,ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି,ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ ।' ଇତିହାସରୁ ଜଣାଯାଏ ଯେ ଶ୍ରୀମନ୍ଦିର ଉପରେ ସମୁଦାୟ ଅଠରଥର ଆକ୍ରମଣ ହୋଇଥିଲା । ଏଥିମଧ୍ୟରୁ ପାଂଚଥର ଆକ୍ରମଣର ସବିଶେଷ ବିବରଣୀ ଗବେଷଣା ହୋଇ ଆଲୋଚନା ପରିସରକୁ ଆସିନାହିଁ । ତେରଥର ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ରତ୍ନବେଦିରୁ ଯାଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ୨୧ ଥର ସ୍ଥାନାନ୍ତର ହୋଇଛି । ସେଥିମଧ୍ୟରୁ ଦୁଇଥର ଶ୍ରୀକ୍ଷେତ୍ର ଭିତରେ ଲୀଳା ହୋଇଥିବା ବେଳେ ଶ୍ରୀକ୍ଷେତ୍ର ବାହାରେ ଉଣେଇଶ ଥର ସ୍ଥାନାନ୍ତର ହୋଇ ଲୀଳା କରିଛନ୍ତି । ଚିଲିକାର ଗୁରୁବାଇଗଡ଼ ଓ ବାଣପୁର ତହସିଲର ନଇରୀଗ୍ରାମର ହରେଶ୍ୱର ମଣ୍ଡପକୁ ଦୁଇ ଦୁଇ ଥର ବିଜେ କରି ଲୀଳା କରିଥିଲେ । ମହାପ୍ରଭୁ ସମୁଦାୟ ଦୁଇଥର ପାତାଳୀ ଲୀଳା କରିଛନ୍ତି । ଥରେ ସୋନପୁରଠାରେ ଓ ୧୫୬୮ ମସିହାରେ କଳାପାହାଡ଼ ଆକ୍ରମଣରେ ଚିଲିକାର ହାତୀପଡ଼ାଠାରେ ମହାପ୍ରଭୁଙ୍କର ପାତାଳୀଲୀଳା ହୋଇଥିଲା । ଦୁଇଥର ମହାପ୍ରଭୁ ବ୍ରହ୍ମଲୀଳା କରିଛନ୍ତି । ଏହାଥିଲା ମହାପ୍ରଭୁଙ୍କର ଅଭିନବ ବ୍ରହ୍ମଲୀଳା । ନଷ୍ଟ ହେଇଯାଉ ଦାରୁ ବିଗ୍ରହ, କିନ୍ତୁ ବ୍ରହ୍ମ ସୁରକ୍ଷିତ ଥାଆନ୍ତୁ । ଏ ଜାତିର 'ବିଶ୍ୱାସ' ଟିକକ ହସ୍ତାନ୍ତର ହୋଇ ନଯାଉ କି ମନୋବଳ ଭାଙ୍ଗି ଚୁରମାର ହୋଇ ନଯାଉ । ସେହି ବିଶ୍ୱାସରେ ବ୍ରହ୍ମଲୀଳା ସମ୍ପନ୍ନ ହୋଇଥିଲା । ପ୍ରଥମ ବ୍ରହ୍ମଲୀଳା ବିଶର ମହାନ୍ତିଙ୍କଦ୍ୱାରା ହୋଇଥିଲା । ଦ୍ୱିତୀୟ ବାର ବ୍ରହ୍ମଲୀଳା ୧୬୨୨ ମସିହାରେ ମିର୍ଜା ଅହମ୍ମଦ ବେଗ ସମୟରେ ହୋଇଥିଲା । ଖୁବ ଗୋପନରେ ଗଜପତିଙ୍କ ପରାମର୍ଶରେ ସେବକମାନେ ଖୋର୍ଦ୍ଧାଜିଲାର ଗଡ଼ମାଣତ୍ରୀରେ ବ୍ରହ୍ମଲୀଳା କରେଇଥିଲେ । ୧୭୩୧ ମସିହାରେ ଶ୍ରୀମନ୍ଦିର ଉପରେ ତକି ଖାଁ ଦ୍ୱିତୀୟବାର ଆକ୍ରମଣ କରିଥିଲେ । ସେତିକିବେଳେ ମହାପ୍ରଭୁଙ୍କୁ ଭାର୍ଗବୀ ନଦୀର ଦୋବନ୍ଧା ପେଣ୍ଠରୁ ବଡ଼ ପରୀକ୍ଷା ପରମାନନ୍ଦ କୁଅଁର ମହାପାତ୍ର ଓ ସାନ ପରୀକ୍ଷା ବିଷ୍ଣୁ ପଶ୍ଚିମ କବାଟ ଚିଲିକା ବାଟଦେଇ ନଇରୀ ଗ୍ରାମର ମଣ୍ଡପରେ ଗୋପନରେ ବିଜେ କରାଇଥିଲେ । ଶ୍ରୀମନ୍ଦିର ଉପରେ ପ୍ରଥମେ ୬୭୦ ମସିହାରେ ଆକ୍ରମଣ ହୋଇଥିଲା । ଏହା ୧୭୩୩ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟ ମଧ୍ୟରେ ହାରାହାରି ୨୫୦ ବର୍ଷରୁ ଅଧିକ ସମୟ ମହାପ୍ରଭୁ ଶ୍ରୀକ୍ଷେତ୍ର ବାହାରେ ଲୀଳା କରିଥିଲେ । ତାଙ୍କର ଲୀଳାରେ ଶ୍ରୀକ୍ଷେତ୍ର ବାହାରେ ନଇରୀଠାରେ ଗୋଟିଏ ଥର ରଥଯାତ୍ରା ହୋଇଥିଲା । ଶାସ୍ତ୍ର ବେଦ ଉପନିଷେଦ କହେ ସନାତନ ହିନ୍ଦୁ ଧର୍ମ ସର୍ବଶ୍ରେଷ୍ଠ ଓ ସର୍ବପୁରାତନ ଏଥିରେ ହିଂସାର କୌଣସି ସ୍ଥାନ ନଥାଏ । ଅନାଥର ନାଥ କାଳିଆ ସାଆନ୍ତ,ଦୀନବନ୍ଧୁ, ଭାବଗ୍ରାହୀ, ଭକ୍ତବତ୍ସଳ ଜଗନ୍ନାଥଙ୍କ ବାଖ୍ୟା କରିବାକୁ କିଏ ବା ସମର୍ଥ ହେବ ସେ ଅନନ୍ତ,ଅସୀମ, ଚିରସତ୍ୟ ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ , ସେ ନଶ୍ୱର,ନିରାକାର,ପରମବ୍ରହ୍ମ, ପୁରୁଷୋତ୍ତମ । ମହାପ୍ରଭୁ କାଳିଆ ସାଆନ୍ତ ବିଶ୍ୱର ସବୁଠାରୁ ରହସ୍ୟମୟ ଠାକୁର । ଜଗନ୍ନାଥ ମନ୍ଦିରର ଇତିହାସ ଏବଂ ତାର ରହସ୍ୟ ବୁଝିବା ଆମ ପରି ରକ୍ତ ମାଂସ ଧାରୀ ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ । ଅନେକ ବିଦ୍ୱାନ ପଣ୍ଡିତ, ଶାସ୍ତ୍ର ବିଶାରଦ,ଜ୍ଞାନୀ ଗୁଣୀ , ଜଗନ୍ନାଥ ସଂସ୍କୃତି ଇତିହାସ ସମ୍ପୂର୍ଣ୍ଣ ଭାବେ ବୁଝିବାରେ ଜାଣିବାରେ ସମର୍ଥନ ହୋଇପାରି ନାହାନ୍ତି ।ଏବେବି ଏହା ରହସ୍ୟମୟ ହୋଇରହିଛି । ଜଗନ୍ନାଥ ଉପାସନା କେବେ କେଉଁଠାରୁ ହେଲା ଓ ଜଗନ୍ନାଥଙ୍କ ନାମକରଣ କେବେ କାହିଁକି ହେଲା ସେ ବିଷୟ ଏବେବି ନିର୍ବିବାଦରେ ନିର୍ଣ୍ଣିତ ହୋଇପାରିନାହିଁ । ଜଗନ୍ନାଥଙ୍କ ସଂସ୍କୃତି ସହିତ ବହୁ ଧର୍ମ ଜଡିତ ହୋଇରହିଛି । ଯୁଗ ଯୁଗ ଧରି ଜଗନ୍ନାଥ ରହସ୍ୟମୟ ଦେବତା ହୋଇ ରହିଆସିଛନ୍ତି । ଅନାଥର ନାଥ ଜଗତର ନାଥ ଜଗନ୍ନାଥ ଏକ ଚେତନାର ଚିନ୍ତାଧାରାର ସଂସ୍କୃତିର ସଂକେତ । ଜଗନ୍ନାଥ ସଂସ୍କୃତି ପରମ୍ପରା ବସୁଦେବ କୁଟୁମ୍ବକମର ଚିନ୍ତାଧାରା ଉପରେ ପ୍ରଯ୍ୟବେଷିତ ।ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଏହାର ମୂଳମନ୍ତ୍ର । ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର ବିଶ୍ୱପ୍ରେମ,ଶାନ୍ତି,ଅହିଂସା,ପ୍ରେମ ମୁକ୍ତି,ଆନନ୍ଦ, ସତ୍ୟ,ଦୟା, କ୍ଷମା ଓ ଅନନ୍ତ ବ୍ୟାପିର ପ୍ରତୀକ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା ।ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର । ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ । ସେ ଅନାଦି ସେ ଅଶେଷ ।ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ । । ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ । ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ । ସେ ଅରୂପ ପୁଣି ସ୍ୱରୂପ । ସେ ନିର୍ଗୁଣ ପୁଣି ସଗୁଣ । ବହୁ ରୂପରେ ତାଙ୍କର ପରିକଳ୍ପନା । ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ ।ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ । ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ । ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ । ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ । ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ । ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି । ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ । ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର,ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ,ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ । ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ । ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର,ଶିବ ବା ଶୁଭର ସୂଚନା ।ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ ।କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି । ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ । ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ । ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ ।ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ ।ସମସ୍ତଙ୍କ ଦୁଃଖ ବୁଝନ୍ତି ସେ । ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ,ନିରାଶୟ, ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ । ଜାତିବର୍ଣ୍ଣ,ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ । ସେହ୍ନ, ପ୍ରେମ, ଭାତୃତ୍ୱ, ବଳିଦାନ,ଭଲପାଇବା, ମାନବିକତା,ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ । ଯେଉଁଠି ସ୍ୱାର୍ଥପର ଅହଂକାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟିବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା,ଜନ୍ମଦାତ୍ରୀ ମାତା,ବନ୍ଧୁ, ପରିଜନଙ୍କୁ ହତ୍ୟା କରିବାକୁ ପଛଘୁଂଚ ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ । ନିଜର ମାନ, ଅଭିମାନ, ରାଗ, ହିଂସା, କ୍ରୋଧ, ଘୃଣା ଭାବକୁ ପରିତ୍ୟାଗ କରି 'ମଣିଷପଣିଆ 'ହିଁ ସର୍ବଶ୍ରେଷ୍ଠ ଏହାକୁ ସମଗ୍ର ମାନବଜାତି ଅନୁଭବ କରିବାର ସମୟ ଆସିଛି ।ଏହାକୁ ବୁଝିବାକୁ ହେବ ଯେ ନିୟତିର ନିଷ୍ପତ୍ତି ନିକଟରେ ସମଗ୍ର ମାନବଜାତି ଦୁର୍ବଳ ଏବଂ ଅସହାୟ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ଆଇସିଡିଏସ୍ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ : ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ଉପରେ ଗୁରୁତ୍ୱାରୋପ

ଝାରସୁଗୁଡା,୨୭/୭(ନି/ପ୍ର) : ଜିଲ୍ଲାପାଳଙ୍କ ଅଧକ୍ଷତାରେ ସମନ୍ୱିତ ଶିଶୁ ବିକାଶ ସେବା  କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ  ଜୟନ୍ତୀ ଗଡତିଆ ଏବଂ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ  ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ କୁଣକ୍ଷଲ ମୋତିରାମ ଚହ୍ୱାଣ ଶିଶୁ ମୃତ୍ୟୁହାର  ଏବଂ ମାତୃ ମୃତ୍ୟୁହାର ହ୍ରାସ ପାଇଁ ସମସ୍ତ ସି ଡି ପି ଓ ଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବା ସହ କ୍ଷେତ୍ରସ୍ତରରେ ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗୁରୁତର ଅପପୁଷ୍ଟି ଶିଶୁମାନଙ୍କର ନିୟମିତ ଅନୁଧ୍ୟାନ ଓ ପୁଷ୍ଟି ସ୍ଥିତିରେ ସୁଧାର ଆଣିବା ଉଦ୍ଦେଶ୍ୟରେ ସମସ୍ତ  ଶିଶୁଙ୍କୁ ପୋଷଣ ଅଭିଭାବକ ଙ୍କ ଅଧୀନରେ ଅନ୍ତର୍ଭୁକ୍ତ କରି ସେମାନଙ୍କର ନିରନ୍ତର ମନିଟରିଂ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ  ଶ୍ରୀ ଚହ୍ୱାଣ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଫେସ୍ ରେକଗ୍ନିସନ୍ ସିଷ୍ଟମ ଶତପ୍ରତିଶତ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଏବଂ ଶିଶୁମାନଙ୍କର ଉଚ୍ଚତା ଓ ଓଜନ ମାପିବା କାର୍ଯ୍ୟକୁ ଶତପ୍ରତିଶତ ସଠିକ୍ ଭାବେ ସମ୍ପାଦନ କରିବାକୁ  ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମସ୍ତ ସି ଡି ପି ଓ  ଙ୍କୁ ନିର୍ଦ୍ଦେଶ ଦେଇଥିଲେ  । ବୈଠକରେ ସପ୍ଲିମେଂଟାରୀ ନ୍ୟୁଟ୍ରିସନ୍ ପ୍ରୋଗ୍ରାମ୍  ଅଧୀନରେ ପୁଷ୍ଟିକର ଖାଦ୍ୟ ବଣ୍ଟନ, ଟେକ୍ ହୋମ୍ ରାସନ୍ ବିତରଣର ସ୍ଥିତି ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ଭବନ ନିର୍ମାଣ କାର୍ଯ୍ୟର ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ସମସ୍ତ କାର୍ଯ୍ୟକ୍ରମକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣାତ୍ମକ ଭାବେ ସମ୍ପାଦନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗର୍ନିଆ, ପିଓ (ଆଇସିଡିଏସ୍) ଜଗ୍ୟାସେନୀ ମହାନନ୍ଦ, ଡିପିସି (ମମତା) ତୁଷାରକାନ୍ତ ନାୟକ, ଡିସି (ପୋଷଣ) ରମାକାନ୍ତ ନାଏକ, ଡିସି (ହବ୍) ଲିଲେଶ୍ୱର ସାହୁ, କିର୍ମିରା ସିଡିପିଓ ସଙ୍ଗୀତା ଅଡ଼ା, କୋଲାବିରା ସିଡିପିଓ ତାରୁଲତା ପଟେଲ, ବ୍ରଜରାଜନଗର ଓ ଲଖନପୁର ସିଡିପିଓ ସ୍ୱର୍ଣ୍ଣମଞ୍ଜରୀ ସାମଲ, ଝାରସୁଗୁଡ଼ା ଗ୍ରାମାଂଚଳ ସିଡିପିଓ କର୍ପୂରା ପଟେଲ, ଝାରସୁଗୁଡ଼ା ସହରାଂଚଳ ସିଡିପିଓ ଏଲ୍. ଏସ୍. ବାରୁଣୀ ସାହୁ ଏବଂ ଲଇକେରା ସିଡିପିଓ ସୁବାସିନୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ପାଇକମାଲ କଲୋନୀପଡ଼ାରେ ଜଳ ସଙ୍କଟ : ଧାରଣାରେ ବସିଲେ ପଡ଼ାବାସୀ



ପାଇକମାଲ,୨୭/୭(ନି/ପ୍ର) :ପାଇକମାଲ ବ୍ଲକ କଲୋନୀ ପଡ଼ାରେ ଗତ ଚାରି ଦିନ ଧରି ପାଣି ପମ୍ପ ମୋଟର ଖରାପ ହୋଇ ପଡ଼ିଥିବାରୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ଏହାଫଳରେ ସ୍ଥାନୀୟ ଲୋକେ ଦୀର୍ଘ ସମୟ ଧରି ପାଣି ସମସ୍ୟାର ସମ୍ମୁଖୀନ ହେବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଧାରଣାରେ ବସିଥିଲେ । ଖବର ପାଇ ସମାଜସେବୀ ତଥା ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ଗୌତମ ସିଂ ଘଟଣାସ୍ଥଳରେ ପହଚିଂ ପଡ଼ାବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ । ସେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରି ଖରାପ ହୋଇଥିବା ପମ୍ପ ମୋଟରକୁ ଯଥାଶୀଘ୍ର ମରାମତି କରି ପାଣି ଯୋଗାଣ ସ୍ୱାଭାବିକ କରିବାକୁ ଅନୁରୋଧ କରିଥିଲେ । ତତ୍କାଳୀନ ଜଳ ସମସ୍ୟାର ସମାଧାନ ପାଇଁ ଶ୍ରୀ ସିଂଙ୍କ ପକ୍ଷରୁ ଏକ ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯାଇଥିଲା । ଏହାପରେ ପଡ଼ାବାସୀ ଧାରଣାରୁ ଉଠିଥିଲେ । ଶୀଘ୍ର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନ ମିଳିଥିବା ଜଣାପଡ଼ିଛି ।

## ୧୩ଶ ଜୟ ହିନ୍ଦ ଲିଗ୍ ନକଆଉଟ୍ ମ୍ୟାଚ୍ : କୁଚିଣ୍ଡା ବିଏଫସିର ରୋମାଂଚକର ବିଜୟ

ଝାରସୁଗୁଡ଼ା,୨୭/୭(ନି/ପ୍ର): ଝାରସୁଗୁଡ଼ା ସହରର ମନମୋହନ ପଡ଼ିଆରେ ଅନୁଷ୍ଠିତ ୧୩ଶ ଜୟ ହିନ୍ଦ ଲିଗ୍ ନକଆଉଟ୍ ମ୍ୟାଚ୍ ରେ ଶନିବାର କୁଚିଣ୍ଡା ବିଏଫସି ୧-୦ ଗୋଲ୍‌ରେ ସୁନ୍ଦରଗଡ଼ ଗୋଇଜୋରକୁ ପରାସ୍ତ କରି ବିଜୟ ହାସଲ କରିଛି । ପ୍ରଥମାର୍ଦ୍ଧ ଖେଳ ୦-୦ ରେ ଶେଷ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ କୁଚିଣ୍ଡା ବିଏଫ୍ସି ୧୦ ନମ୍ବର ଜର୍ସି ଖେଳାଳି ଅବଦୁଲ ଜୁନିୟର ନିର୍ଣ୍ଣାୟକ ଗୋଲ୍ ଦେଇ ଦଳକୁ ବିଜୟୀ କରାଇଥିଲେ । ନିଜର ଚିତାକର୍ଷକ ପ୍ରଦର୍ଶନ ପାଇଁ ଅବଦୁଲ ଜୁନିୟର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏହି ମ୍ୟାଚ୍ ରେ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡ଼ିଶା ପ୍ରାନ୍ତର କାର୍ଯ୍ୟକାରୀ ସଭାପତି  ଅଶୋକ ଗାନ୍ଧୀ ଏବଂ ମୁଦ୍ରା ଫ୍ୟାଶନ୍ ମାର୍ଟର ପ୍ରୋପ୍ରାଇଟର ଶିବ ପ୍ରତାପ ମୁଦ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମ୍ୟାଚ୍ ରେ ସରତ କିସାନ ମୁଖ୍ୟ ରେଫରୀ, ଲେଲିନ ପଟେଲ ଓ ଅମିତ କୁମାର ବାଘ ଲାଇନ୍ ରେଫରୀ ଏବଂ ସଞ୍ଜୟ କିସାନ ଚତୁର୍ଥ ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ ।

## ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ବଂଟନ

ବଲାଙ୍ଗୀର,୨୭/୭ : ସ୍ଥାନୀୟ କଂସାରୀପଡ଼ା ଠାରେ ବିଜୟ କେଜରିୱାଲ(ବିଜୟ ଷ୍ଟୋର), ପ୍ରକାଶ କେଜରିୱାଲ ଓ ତାଙ୍କ ପରିବାର ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ମହାପ୍ରସାଦ ଅନ୍ନଭୋଗ ବଂଟନ କରାଯାଇଥିଲା । ଏହି ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମହାପ୍ରସାଦ ଗ୍ରହଣ କରି ପୁଣ୍ୟଲାଭ କରିଥିଲେ ।

## ଝାରସୁଗୁଡ଼ାରେ ବାହୁଡ଼ା ଯାତ୍ରା : ଜଗନ୍ନାଥ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼



ଝାରସୁଗୁଡ଼ା,୨୭/୭(ନି/ପ୍ର) :ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ବାହୁଡ଼ା ଯାତ୍ରା ଭକ୍ତିଭାବ ଓ ଉତ୍ସାହର ସହ ପାଳନ କରାଯାଇଛି । ପୂଜାର୍ଚ୍ଚନା, ପାରମ୍ପରିକ ରୀତିନୀତି ଏବଂ ଭକ୍ତମାନଙ୍କ ଭିଡ଼ ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଝାରସୁଗୁଡ଼ାର ପ୍ରସିଦ୍ଧ କୁକୁରଜଙ୍ଘା ଜଗନ୍ନାଥ ମନ୍ଦିରରେ ବାବା ପ୍ରେମାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଧିବିଧାନ ଅନୁଯାୟୀ ବାହୁଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅନିଲ ସିଂ ଛେରା ପହଁରା ଦାୟିତ୍ୱ ନିର୍ବାହ କରିଥିବାବେଳେ ପଣ୍ଡିତ ଅକ୍ଷୟ ମିଶ୍ର ପୂଜାର୍ଚ୍ଚନା ସମ୍ପାଦନ କରିଥିଲେ । ସେବାପୂଜା କାର୍ଯ୍ୟରେ ବସନ୍ତ ଦାସ, ତ୍ରିନାଥ ତିୱାରୀ, କୈଳାଶ ତ୍ରିପାଠୀ, ଶ୍ରୀପତି ମିଶ୍ରଙ୍କ ସମେତ ଅନେକ ବ୍ରାହ୍ମଣ ଓ ଗ୍ରାମବାସୀ ସହଯୋଗ କରିଥିଲେ । ଏହି ଅବସରରେ କୁକୁରଜଙ୍ଘା ଓ ଆଖପାଖ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ଦର୍ଶନ କରିଥିଲେ । ସେହିପରି ସରବାହାଲ, ମାରୱାଡ଼ି ପଡ଼ା, ବିଟିଏମ୍, ବେଲପାହାଡ଼, ଗୁମାଡ଼େରା, ବାନ୍ଧବାହାଲ, ଲଇକେରା, କୋଲାବିରା ଓ କିର୍ମିରା ସମେତ ଜିଲ୍ଲାର ଅନ୍ୟାନ୍ୟ ଜଗନ୍ନାଥ ମନ୍ଦିରରେ ମଧ୍ୟ ବାହୁଡ଼ା ଯାତ୍ରା ଆଡ଼ମ୍ବରର ସହ ପାଳନ କରାଯାଇଥିଲା । ମନ୍ଦିର ପରିସରରେ ଭକ୍ତମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ସବୁଠି ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା । ବାହୁଡ଼ା ଯାତ୍ରା ଅବସରରେ ଝାରସୁଗୁଡ଼ା ସହରର ଝଣ୍ଡା ଛକ ସମେତ ବିଭିନ୍ନ ସ୍ଥାନରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଶୃଙ୍ଖଳିତ ଭାବେ ଉତ୍ସବ ପାଳନ ପାଇଁ ବିଭିନ୍ନ ମନ୍ଦିର ପକ୍ଷରୁ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ ।

# ଏଲ୍.ଏନ୍. କଲେଜ ନିକଟରେ ଝାରସୁଗୁଡ଼ା ଯୁବ ସଂଘ ଓ ଛାତ୍ର ସଂଘର ବୃକ୍ଷରୋପଣ ଅଭିଯାନ

ଝାରସୁଗୁଡ଼ା,୨୭/୭(ନି/ପ୍ର): ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ଲକ୍ଷ୍ୟ ନେଇ ଝାରସୁଗୁଡ଼ା ଯୁବ ସଂଘ ଏବଂ ଝାରସୁଗୁଡ଼ା ଛାତ୍ର ସଂଘର ମିଳିତ ଉଦ୍ୟମରେ ଆଜି ଲକ୍ଷ୍ମୀ ନାରାୟଣ (ଏଲ୍.ଏନ୍.) କଲେଜ ନିକଟରେ ଏକ ସଫଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରାସ୍ତା ପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇ ପରିବେଶ ସଚେତନତାର ବାର୍ତ୍ତା ପ୍ରଚାର କରାଯାଇଥିଲା । ଝାରସୁଗୁଡ଼ା ଯୁବ ସଂଘର ସଭାପତି ପୁରୁଷୋତମ ମହାନ୍ତିଙ୍କ ମାର୍ଗଦର୍ଶନ ଓ ନେତୃତ୍ୱରେ ଏହି ଅଭିଯାନ ସଫଳ ଭାବେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ସେ କହିଥିଲେ, "ଆମ ପରିବେଶର ସୁରକ୍ଷା ସମସ୍ତଙ୍କର ସାମୂହିକ ଦାୟିତ୍ୱ । ଯୁବପିଢ଼ି ଏହି ଦାୟିତ୍ୱକୁ ଆଗେଇ ନେଲେ ସମାଜରେ ସ୍ଥାୟୀ ପରିବର୍ତ୍ତନ ସମ୍ଭବ । ବୃକ୍ଷରୋପଣ କେବଳ ଚାରା ଲଗାଇବା ନୁହେଁ, ବରଂ ପ୍ରକୃତି ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବାର ଏକ ପ୍ରୟାସ ।" କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଏଲ୍.ଏନ୍. କଲେଜ ଛାତ୍ର ସଂଘର ସଭାପତି କୁଶିତ ବାଂଛୋର । ତାଙ୍କ ନେତୃତ୍ୱରେ ବହୁ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ଅବସରରେ ଉପସ୍ଥିତ ସଦସ୍ୟମାନେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ପରିବେଶ ସୁରକ୍ଷାରେ ଯୁବପିଢ଼ିଙ୍କ ସକ୍ରିୟ ଭୂମିକାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ । ଏହି ଅଭିଯାନକୁ ସଫଳ କରିବାରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ଛାତ୍ରନେତା ଆୟୁଷ ପଟ୍ଟନାୟକ, ପୀୟୁଷ ସରାଫ, ଆକାଶ କର୍ତ୍ତା ଏବଂ ପ୍ରଭାତଙ୍କ ଉଲ୍ଲେଖନୀୟ ସହଯୋଗ ରହିଥିବା ବେଳେ ସଂଗଠନ ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜଣାଯାଇଛି । ଆଗାମୀ ମାସଗୁଡ଼ିକରେ ଝାରସୁଗୁଡ଼ାର ବିଭିନ୍ନ ସ୍ଥାନରେ ଏଭଳି ଅଧିକ ପରିବେଶ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଝାରସୁଗୁଡ଼ା ଯୁବ ସଂଘ ଓ ଛାତ୍ର ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

# ପାଲସାହି ସେବା ସମବାୟ ସମିତିରେ ବ୍ୟାପକ ଅନିୟମିତତା ଅଭିଯୋଗ

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

ଭଦ୍ରକ,୨୭/୭(ନି/ପ୍ର) :ଏହି ଜିଲାର ଧାମନଗର ବ୍ଲକ ଅନ୍ତର୍ଗତ ପାଲସାହି ସେବା ସମବାୟ ସମିତିରେ ଦୀର୍ଘ ଚାରି ବର୍ଷ ଧରି ସାଧାରଣ ସଭା  ଅନୁଷ୍ଠିତ ହୋଇନଥିବା ଅଭିଯୋଗକୁ ନେଇ ଅଂଚଳବାସୀ ଓ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପାଲସାହି ଓ ରଇପୁର ପଂଚାୟତକୁ ନେଇ ଗଠିତ ଏହି ସମିତି ଉପରେ ଅଂଚଳର ଅଧିକାଂଶ ଚାଷୀ ନିର୍ଭରଶୀଳ ଥିବାବେଳେ, ନିୟମ ଅନୁଯାୟୀ ସାଧାରଣ ସଭା ଅନୁଷ୍ଠିତ ହେବା କଥା । କିନ୍ତୁ ଦୀର୍ଘଦିନ ଧରି ଏହା ହୋଇ ନଥିବାରୁ ସମିତିର ସାମଗ୍ରିକ କାର୍ଯ୍ୟକଳାପ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ ଶୁକ୍ରବାର ଦୁଇ ପଂଚାୟତର ବହୁ ଚାଷୀ ଓ ବିଶିଷ୍ଟ ବ୍ୟକ୍ତି ସମିତି କାର୍ଯ୍ୟାଳୟରେ ପହଂଚି ସଭାପତି ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ସମ୍ପାଦକଙ୍କ ଅନୁପସ୍ଥିତିରେ ସଭାପତିଙ୍କ ନିକଟରେ ସାଧାରଣ ସଭା ନ ହେବା, ଅଡିଟ ରିପୋର୍ଟ ପ୍ରକାଶ ନପାଇବା ଏବଂ ସମିତିର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଚାଷୀମାନେ କଡ଼ା ଜବାବ ମାଗିଥିଲେ । ଚାଷୀଙ୍କ ପ୍ରଶ୍ନର ଉତର ଦେଇ ସଭାପତି କହିଛନ୍ତି ଯେ, ଅଡିଟ ପ୍ରକ୍ରିୟା ଶେଷ ହୋଇନଥିବାରୁ ସଭା ଡକାଯାଇପାରି ନାହିଁ । ଆଗାମୀ କିଛି ମାସ ମଧ୍ୟରେ ସଭା କରିବାକୁ ଚେଷ୍ଟା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ସମିତିରେ ଦୀର୍ଘଦିନ ଧରି ବେନିୟମ ଓ ମନମୁଖୀ କାର୍ଯ୍ୟ ଚାଲିଥିବା ନେଇ ଚାଷୀମାନେ ଗୁରୁତର ଅଭିଯୋଗ ଆଣିଛନ୍ତି । ସେମାନଙ୍କ କହିବା ଅନୁସାରେ ଅନେକ ଚାଷୀଙ୍କ ଅଜାଣତରେ ସେମାନଙ୍କ ନାମରେ ହଜାର ହଜାର ଟଙ୍କାର ଋଣ ଦେଖାଇ ଅର୍ଥ ହଡ଼ପ କରାଯାଇଛି ।ସମିତିର ସମ୍ପାଦକ ପ୍ରାୟତଃ ଅଫିସରେ ଅନୁପସ୍ଥିତ ରହୁଥିବା ବେଳେ ତାଙ୍କର ଜଣେ ସମ୍ପର୍କୀୟ ସମିତିର ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି, ଯାହା ସମ୍ପୂର୍ଣ୍ଣ ବେଆଇନ । ବର୍ତ୍ତମାନର ସମ୍ପାଦକ ପୂର୍ବରୁ ଅନ୍ୟ ଏକ ସମବାୟ ସମିତିକୁ ବଦଳି ହୋଇ ଯାଇଥିବା ପରେ, ପୁଣି କେଉଁ ନିୟମ ଆଧାରରେ ଏଠାକୁ ଫେରିଲେ ତାହାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି । ଚାଷୀମାନଙ୍କ କହିବା ଅନୁଯାୟୀ, ଏହି ସମସ୍ୟା ନେଇ ସେମାନେ ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି, କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ସମାଧାନ କରାଯାଉନାହିଁ । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସମସ୍ତ କଳାକାରନାମା ପଦାକୁ ଆସିବ ବୋଲି ସେମାନେ ଦାବି କରିଥିଲେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦିନ ବିଭାଗୀୟ ଅଧିକାରି ମାନେ ତଦନ୍ତ ପାଇଁ ଆସିଥିଲେ, କିନ୍ତୁ ସମବାୟ ବିଭାଗର ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ଦେଇନଥିଲେ ସମ୍ପାଦକଙ୍କ ନିର୍ଦ୍ଦେଶ ରେ କିଛି ଅସାମାଜିକ ଲୋକ  ହୋହାଲ୍ଲା କରିଥିଲେ ଫଳରେ ଅଧିକାରୀ ମାନେ ତଦନ୍ତ ନ କରି ଫେରି ଯାଇଥିଲେ, ଏବଂ ଜିଲ୍ଲାପାଳ ଙ୍କ ସହ ଆଲୋଚନା ପରେ ଅନ୍ୟ ଏକ ତାରିଖ ଠିକ୍ କରାଯାଇ ତଦନ୍ତ ହେବ ବୋଲି କହିଥିଲେ ।

# ଧାନ ରୋଇବା ବେଳେ ବଜ୍ରପାତ : ବାପ-ପୁଅଙ୍କ ମୃତ୍ୟୁ, ବାଲିପଡ଼ାରେ ଶୋକର ଛାୟା



କାମାକ୍ଷାନଗର,୨୭/୭(ନି/ପ୍ର): ଚାଷ କାମ କରିବାକୁ ବିଲକୁ ଯାଇଥିଲେ ବାପା ଓ ପୁଅ । ପରିବାରର ସ୍ୱପ୍ନ ସାକାର ପାଇଁ ଧାନ ରୋଉଥିଲେ । ହେଲେ ପ୍ରକୃତିର କରାଳ ରୂପ ସେହି ସ୍ୱପ୍ନକୁ ମୁହୂର୍ତ୍ତକରେ ଛିନ୍ନଭିନ୍ନ କରିଦେଲା । ହଠାତ୍ ବଜ୍ରପାତର ଶିକାର ହୋଇ ଆଖି ବୁଜିଦେଲେ ବାପା-ପୁଅ । ଏହି ହୃଦୟବିଦାରକ ଘଟଣା ଢେଙ୍କାନାଳଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ବାଲିପଡ଼ା ଗ୍ରାମରେ ଘଟିଛି । ମୃତକମାନେ ହେଲେ ସନ୍ତୋଷ ଦେହୁରୀ (୫୫) ଓ ତାଙ୍କ ପୁଅ ସତ୍ୟନାରାୟଣ ଦେହୁରୀ (୨୪) । ରବିବାର ଦିନ ବର୍ଷା ମଧ୍ୟରେ ବାପା-ପୁଅ ଗାଁ ନିକଟ ଗୋରଡିଆ ଗାଁ ବିଲରେ ଧାନ ରୋଇବା କାମରେ ବ୍ୟସ୍ତ ଥିଲେ । ସେତିକିବେଳେ ହଠାତ୍ ପ୍ରବଳ ବଜ୍ରପାତ ହୋଇଥିଲା । ବଜ୍ରପାତର ସିଧାସଳଖ ଆଘାତରେ ଉଭୟ ଘଟଣାସ୍ଥଳରେ ଗୁରୁତର ହୋଇ ବିଲ ମଧ୍ୟରେ ପଡ଼ିଯାଇଥିଲେ । ଆଖପାଖରେ କାମ କରୁଥିବା ଚାଷୀ ଓ ସ୍ଥାନୀୟ ଲୋକେ ଦୌଡ଼ି ଆସି ବାପା-ପୁଅଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଏକାସାଙ୍ଗରେ ପରିବାରର ଦୁଇଜଣ ସଦସ୍ୟଙ୍କ ମୃତ୍ୟୁ ଘଟଣା ସମଗ୍ର ଅଂଚଳକୁ ସ୍ତବ୍ଧ କରିଦେଇଛି । ସନ୍ତୋଷ ଦେହୁରୀ ପରିବାରର ମୁଖ୍ୟ ରୋଜଗାରିଆ ହୋଇଥିବାବେଳେ ଯୁବକ ପୁଅ ସତ୍ୟନାରାୟଣ ବାପାଙ୍କ ସହ ଚାଷ କାମରେ ସହଯୋଗ କରୁଥିଲେ । ଗୋଟିଏ ମୁହୂର୍ତ୍ତରେ ଉଭୟଙ୍କୁ ହରାଇ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି । ଘରେ କୋହଭରା ପରିବେଶ ସୃଷ୍ଟି ହୋଇଥିବାବେଳେ ବାଲିପଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଖବର ପାଇ କାମାକ୍ଷାନଗର ଥାନା ପୁଲିସ ହସ୍ପିଟାଲରେ ପହଚିଂ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ଜନ୍ତରମନ୍ତର ଛାତ୍ର ଆନ୍ଦୋଳନକୁ ସିଭିଲ ରାଇଟ୍ସ ପ୍ରଟେକ୍ସନ ଫୋରମର ସମର୍ଥନ

ବଲାଙ୍ଗୀର,୨୭/୭(ନି/ପ୍ର): ବଲାଙ୍ଗୀର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସିଭିଲ ରାଇଟ୍ସ ପ୍ରଟେକ୍ସନ ଫୋରମ୍ ବଲାଙ୍ଗୀରର ଆବାହକ ଆଇନଜୀବୀ ଦିନେଶ ନାଗଙ୍କ ନେତୃତ୍ୱରେ ଏକଦିବସୀୟ ଗଣଧାରଣା ଅନୁଷ୍ଠିତ ହୋଇଥିଲା । ଗଣଧାରଣାର ମୁଖ୍ୟ ଦାବିଗୁଡ଼ିକ ହେଲା ୨୦୨୬ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା ଯୋଗୁଁ ଦିଲ୍ଲୀର ଜନ୍ତର ମନ୍ତର ଠାରେ ସିଜେପି ତରଫରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକୁ ସମର୍ଥନ ଦିଆଯାଇଥିଲା । ବକ୍ତାମାନେ କେନ୍ଦ୍ର ସରକାରଙ୍କ ଦୁର୍ବଳ ଶିକ୍ଷାନୀତି ଓ ସଂସ୍ଥାଗୁଡ଼ିକରେ ବିଜେପି ସମର୍ଥକ କାର୍ଯ୍ୟକର୍ତାଙ୍କ କବ୍‌ଜାକୁ ଘୋର ନିନ୍ଦା କରିଥିଲେ । ଶିକ୍ଷା ହେଉଛି ମାନବ ଜୀବନର ମୁଖ୍ୟ ଆଧାର, ଶିକ୍ଷା ଯୋଗୁଁ ବ୍ୟକ୍ତି ସମାଜ ଓ ଉନ୍ନତ ରାଷ୍ଟ୍ର ଗଠନ ହୋଇପାରିବ । ହେଲେ କେନ୍ଦ୍ର ସରକାର ଘରୋଇ ସଂସ୍ଥାନକୁ ପ୍ରାଧାନ୍ୟ ଦେଇ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ଧିରେ ଧିରେ ଦୁର୍ବଳ କରିବାରେ ଲାଗିଛନ୍ତି । ଏହି ବିଷୟକୁ ନେଇ ବକ୍ତାମାନେ ବିଶେଷ ଆଲୋଚନା କରିଥିଲେ । ନିଟ୍ ପେପେର ଲିକ୍ ଯୋଗୁଁ ୨୨ ଜଣ ଛାତ୍ର ଛାତ୍ରୀଙ୍କ ପରିବାର ବର୍ଗଙ୍କୁ ୧ କୋଟି ଟଙ୍କା ଲେଖାଏ ଦିଆଯିବ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଉପରେ ସ୍ୱର ଉତୋଳନ ହୋଇଥିଲା । ଜିଲ୍ଲା ଅଭିଭାବକ ସଂଘ ସଭାପତି ସୀତାରାମ କୁମ୍ଭାରଙ୍କ ସଂଯୋଜନାରେ ପ୍ରଦେଶୀ ବିଶ୍ୱାଳ, ଅର୍ଜୁନ ମୁଗ୍ରୀ, ବୁଲୁ ଦାନୀ, ଅଙ୍କିତ ସାହୁ, ବୀରେନ୍ଦ୍ର ରାଏ, ଭୁବନ ନାଗ, ମନରଂଜନ ସାହୁ, ମନୀଷ ସୁନା, ଅଶୋକ ହରପାଲ, ବୀରେନ୍ଦ୍ର ବାଗ, ଡିଙ୍ଗର କୁମ୍ଭାର, ମିଟୁଆ ମହାନ୍ତି, ହେମନ୍ତ ପଣ୍ଡା, କିଶୋରୀ ସୁନା, କୌଶଲ୍ୟା କୁମ୍ଭାର, ସରୋଜ ମେଶ୍ରା, ବାସୁଦେବ ମୁଗ୍ରୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମର ସହରର ଅନେକ ସ୍ୱେଚ୍ଛାସେବୀ ସଂଗଠନ ସହିତ ଅନେକ ମାନ୍ୟଗନ୍ୟ ବ୍ୟକ୍ତି ନିଜ ନିଜ ମତ ରଖିଥିଲେ । ଶେଷରେ ଜ୍ୟୋତିଷ ମୁଗ୍ରୀ ସଭା ସାଙ୍ଗ କରିଥିଲେ ।

## ଦିଲ୍ଲୀ ଯନ୍ତର-ମନ୍ତର ଘଟଣାର ପ୍ରତିବାଦ ଓ ବିଜେଡ଼ି-କଂଗ୍ରେସ ଦୋମୁହାଁ ନୀତି ବିରୋଧରେ ବିଜେପିର ହୁଙ୍କାର

ସମ୍ବଲପୁର,୨୭/୭(ନି/ପ୍ର) :ସମ୍ବଲପୁର ଗୋଲବଜାର ଛକରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି  । ଦିଲ୍ଲୀର ଯନ୍ତର-ମନ୍ତର ଠାରେ ଚାଲିଥିବା ଆନ୍ଦୋଳନ ନାଁରେ ଦେଶବିରୋଧୀ ନାରାବାଜି, ହିଂସା ସୃଷ୍ଟି ଏବଂ ବିଜେଡ଼ି-କଂଗ୍ରେସର  ସାଲିସ୍ ରାଜନୀତି ବିରୋଧରେ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତାମାନେ ରାଜରାସ୍ତାକୁ ଓହ୍ଲାଇ ଦୃଢ଼ ବିରୋଧ ପ୍ରଦର୍ଶନ କରିଛନ୍ତି ।    ଏହି ପ୍ରତିବାଦ ସଭାରେ ବିଜେପି ନେତାମାନେ ବିଜେଡି ଓ କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି । ନେତୃବୃନ୍ଦମାନେ କହିଛନ୍ତି ଯେ, ଦୀର୍ଘ ୨୪ ବର୍ଷ ଧରି ନିଜକୁ 'କଂଗ୍ରେସ ବିରୋଧୀ' ବୋଲି ଡିଣ୍ଡିମ ପିଟୁଥିବା ବିଜେଡିର ଦୋମୁହାଁ ନୀତି ଓ ପ୍ରକୃତ ମୁଖା ଆଜି ପଦାରେ ପଡ଼ିଛି । ନିଜ ଶାସନ କାଳରେ କନେଷ୍ଟବଳ ପରୀକ୍ଷା, ୨୦୧୮ ଓ ୨୦୨୨ର ମାଟ୍ରିକ ପରୀକ୍ଷା ସମେତ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ପ୍ରଶ୍ନପତ୍ର ଲିକ୍ ଓ ଦୁର୍ନୀତି କରିଥିବା ବିଜେଡି ସରକାର ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ଅତ୍ୟନ୍ତ ହାସ୍ୟାସ୍ପଦ ।

## ବାରହା ଆକ୍ରମଣରେ ୧ମୃତ, ୧୦ରୁ ଅଧିକ ଆହତ



ଇନ୍ଦିପୁର,୨୭/୭(ନି/ପ୍ର): ଢେଙ୍କାନାଳଜିଲ୍ଲା ଇନ୍ଦିପୁର ଗାଁରେ ବାରହା ଆତଙ୍କ । ବାରହା ଆକ୍ରମଣରେ ଜଣେ ମୃତ, ୧୦ରୁ ଅଧିକ ଆହତ । ମୃତକ ହେଲେ ଇନ୍ଦିପୁର ଗାଁର ୫୫ବର୍ଷୀୟ ବଚନ ନାୟକ । ବଚନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା ।ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ସମସ୍ତ ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଇନ୍ଦିପୁର ଗାଁ ପୋଖରୀକୁ ଶୌଚ ପାଇଁ ଯାଉଥିବା ବେଳେ ଆକ୍ରମଣ କରିଥିଲା ବାରହା । ଆକ୍ରମଣ କରୁଥିବା ବାରହାଟି ଏବେ ଇନ୍ଦିପୁର ଗ୍ରାମରୁ ପାଖ ଡେଙ୍ଗୋବୋରେଇ ଓ କାଣ୍ଡବିନ୍ଧା ଅଂଚଳରେ ବୁଲୁଥିବା ସୁଚନା ରହିଛି । ତୁରନ୍ତ ବାରହାକୁ କାବୁ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଉପ ନିବନ୍ଧକ କାର୍ଯ୍ୟାଳୟ କର୍ମଚାରୀଙ୍କ ପରଲୋକ

ଭଦ୍ରକ,୨୭/୭(ନି/ପ୍ର) : ଭଦ୍ରକ ଜିଲ୍ଲା ତିହିଡ଼ି ଉପ ନିବନ୍ଧକ କାର୍ଯ୍ୟାଳୟର କର୍ମଚାରୀ ଅଜୟ କୁମାର ନାଥ ( ୫୬)ଙ୍କର  ହୃଦଘାତରେ ପରଲୋକ ହୋଇଯାଇଛି । ତିହିଡି ଏନଏସି ଅଧୀନ ହରିପୁର ଗ୍ରାମର ଅଜୟଙ୍କ ଘର ବୋଲି ଜଣାଯାଇଛି । କିଛିଦିନ ପୂର୍ବେ ହଠାତ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ଜଣେ ସଚ୍ଚୋଟ, କର୍ତବ୍ୟନିଷ୍ଠ କର୍ମଚାରୀ ଭାବେ ସୁପରିଚିତ ଥିଲେ ।

## ଗୋପୀନାଥ ଜରା ନିବାସରେ କ୍ରାକ କମ୍ପ୍ୟୁଟର ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ,୨୭/୭(ନି/ପ୍ର) :ଆଗରପଡାରେ ପ୍ରତିଷ୍ଠିତ କ୍ରାକ କମ୍ପ୍ୟୁଟର ଏଜୁକେସନର ୧୪ ତମ ପ୍ରତିଷ୍ଠା ଦିବସ ଆଗରପଡାସ୍ଥିତ ଗୋପୀନାଥ ଜରା ନିବାସରେ ପାଳିତ ହୋଇଯାଇଛି । ଏହି ଅବସରରେ ଜରା ନିବାସର ଥିବା ଅନ୍ତେବାସୀଙ୍କୁ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ ଓ ବସ୍ତ୍ର ବଂଟନ କରାଯାଇଥିଲା । ଅନୁଷ୍ଠାନର ଅଧକ୍ଷ ତପନ କୁମାର ପୃଷ୍ଟି ଉପସ୍ଥିତ ରହି ଜରା ନିବାସରେ ଥିବା ବୃଦ୍ଧବୃଦ୍ଧାଙ୍କ ଆର୍ଶୀବାଦ ଭିକ୍ଷା କାମନା କରିଥିଲେ । ଏଥିରେ ଜରାନିବାସର ସଭାପତି ତଥା ବିଜେଡି ନେତା ପ୍ରଶାନ୍ତ ଦାଶ, ସମ୍ପାଦକ ତଥା ସାମ୍ବାଦିକ ପ୍ରଦ୍ୟୁମ୍ନ ପୁହାଣ, ସଭ୍ୟ ଦୁଖୀନ ଘଡେଇ, ଜୟଦେବ ସିଂହ, ନୃସିଂହ ଖୁଟିଂଆ, ଦିପକ ମହାନ୍ତି, ପ୍ରତାପ ରାଉତଙ୍କ ସମେତ କ୍ରାକ କମ୍ପ୍ୟୁଟରର ଛାତ୍ରଛାତ୍ରୀ ବ୍ରହ୍ମାନନ୍ଦ ରଣା, ଉଦିତ କୁମାର ସାହୁ, ସନ୍ତୋଷ କୁମାର ସିଂହ, ଜ୍ୟୋର୍ତିମୟୀ ବେହେରା, ଯମୁନା ବାରିକ, ଶିବାନନ୍ଦ ପାଢୀ, ସୁମିତ କୁମାର ପତି, ସୁଜାତା ବାଳା ଗିରି, ସୁକନ୍ୟା ପ୍ରିୟଦର୍ଶିନୀ ସାହୁ, ଜସ୍ମିନ୍ ସାହୁ, ହେମଙ୍ଗୀନି ଜେନା, ଦୀପାରାଣୀ ବେହେରା ଓ ନିରୁପମା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ  ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କମ୍ପ୍ୟୁଟର ଜ୍ଞାନର ପ୍ରତିଯୋଗୀତା ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।




# ବକେୟା ପାଉଣା ପାଇବା ପାଇଁ ୨୦୨୬ ଅଗଷ୍ଟ ୫ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଓରିଣ୍ଡ ଶ୍ରମିକମାନଙ୍କ ଧାରଣା

ରାଉରକେଲା,୨୭/୭(ନି/ପ୍ର): ବକେୟା ଥିବା ପ୍ରାପ୍ୟ ପାଇବା ପାଇଁ ଆସନ୍ତା ଅଗଷ୍ଟ ୫ ତାରିଖରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଶ୍ରମିକମାନେ ଧାରଣା ଦେବେ ବୋଲି ଆଜି ରାଉରକେଲା ସାରନା ପ୍ରାର୍ଥନା ସଭା ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଉରକେଲା ଲାଠିକଟାରେ ଥିବା ସାସ୍ୱତ ଇଣ୍ଟରନେସନାଲ ଲିମିଟେଡ୍ ଦ୍ୱାରା ପରିଚାଳିତ ଓରିଣ୍ଡ-ଓଡ଼ିଶା, ଲାଠିକଟା କାରଖାନା ଦୀର୍ଘ ୧୫ ବର୍ଷ ହେଲା ବେଆଇନ ଭାବରେ ବନ୍ଦ ହୋଇ ପଡିରହିଛି। ଏଠାରେ ସ୍ମରଣଯୋଗ୍ୟ ଯେ ୨୦୧୧ ମଇ ୧୫ରୁ ସରକାରଙ୍କ ଆଦେଶନାମାକୁ ଭୃକ୍ଷେପ ନକରି, ଓରିଣ୍ଡ ବମ୍ୱେ ହାଇକୋର୍ଟର ନିର୍ଦ୍ଦେଶ ମୁତାବକ କମ୍ପାନୀକୁ କାରଖାନାର ସମସ୍ତ ସମ୍ପତିକୁ ବିକ୍ରୀ କରି ଶ୍ରମିକ ଏବଂ କର୍ମଚାରୀମାନଙ୍କ ବକେୟା ପାଉଣା ତଥା ଋଣ ପ୍ରଦାନ କରିଥିବା ବ୍ୟାଙ୍କମାନଙ୍କ ଟଙ୍କାକୁ ପଇଠ କରିବା ପାଇଁ ନିର୍ଦ୍ଦେଶ ଦେବାସହିତ ପରିସମାନକାରୀ ଙ୍କୁ କ୍ଷମତା ପ୍ରଦାନ କରିଥିଲେ । କିନ୍ତୁ କିଛି ସ୍ୱାର୍ଥପର ଗୋଷ୍ଠି ମାଲିକଙ୍କ ହାତ ବାରିସି ହୋଇ ସରଳ ନିରୀହ ଶ୍ରମିକ ଓ କର୍ମଚାରୀମାନଙ୍କୁ ନୋଟାରୀ ଜରିଆରେ ଅନାପତ୍ତି ପ୍ରମାଣପତ୍ର ) ପ୍ରଦାନ କରି ଅତି ନଗଣ୍ୟ ରାଶିରେ ସମାଧାନ ବା ଫଇସଲା କରାଉଛନ୍ତି । ଓରିଣ୍ଡ କମ୍ପାନୀ କର୍ତ୍ତୃପକ୍ଷ ପରିସମାନକାରୀଙ୍କ ଦ୍ୱାହି ଦେଇ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠିଙ୍କୁ ହାତ ବାରିସି କରାଇ ସରଳ ନିରୀହ ଶ୍ରମିକ ଓ କର୍ମଚାରୀମାନଙ୍କୁ ଭୁଲାଇ ନୋଟାରୀଙ୍କ ଜରିଆରେ ଅନାପତ୍ତି ପ୍ରମାଣପତ୍ର ଜରିଆରେ ଅତି ନଗନ୍ୟ ରାଶି ପ୍ରଦାନ କରୁଛନ୍ତି । ଯାହା କି ଆଇନଗତ ନୁହେଁ। ପାଉଣା ପାଇନଥିବା ଓରିଣ୍ଡ ଶ୍ରମିକ ଓ କର୍ମଚାରୀମାନଙ୍କ ପକ୍ଷରୁ ଦାବି କରାଯାଇଛି ଯେ, କର୍ତ୍ତୃପକ୍ଷ ଅବିଳମ୍ୱେ




ସରକାରଙ୍କ ସହିତ ଆଲୋଚନାକରି ଆଇନଗତ ପ୍ରାପ୍ୟ ପ୍ରଦାନ କରନ୍ତୁ। ଯଦି କର୍ତ୍ତୃପକ୍ଷ ଏହାର ଅବହେଳା କରନ୍ତି ତେବେ ଆସନ୍ତା ଅଗଷ୍ଟ ୫ ତାରିଖଠାରୁ କର୍ତ୍ତୃପକ୍ଷଙ୍କ ରେଲୱେ ସାଇଡିଂ ବନ୍ଦ କରାଯିବା ସମେତ ନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ନିଷ୍ପତି ନିଆଯାଇଛି। ଏଠାରେ ସ୍ମରଣଯୋଗ୍ୟ ଯେ ଲାଠିକଟା ଓରିଣ୍ଡରେ କାର୍ଯ୍ୟ କରିଥିବା ଶ୍ରମିକ ଓ କର୍ମଚାରୀଙ୍କ ବକେୟା ଥିବା ଭବିଷ୍ୟନିଧି (ପ୍ରୋଭିଡେଣ୍ଟ ଫଣ୍ଡ) ୬କୋଟି ଟଙ୍କା ସମେତ ବକେୟା ଦରମା ୩୦କୋଟି, ଆଇନଗତ ପ୍ରାପ୍ୟ ୧୦ କୋଟି ଏବଂ ବୋନସ୍ ଓ ଛୁଟି ପ୍ରାପ୍ୟ ୧୦ କୋଟି ଟଙ୍କା ବକେୟା ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଆଜି ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଓରିଣ୍ଡ ଏମ୍ପୋଇଜ୍ ଆସୋସିଏସନର ଉପ-ସଭାପତି ଜାହାଙ୍ଗୀର ଅଲ୍ଲୀ, ସାଧାରଣ ସମ୍ପାଦକ ଅଦ୍ୱୈତ୍ୟ ପ୍ରସାଦ ରାୟଙ୍କ ସମେତ ପ୍ରଭାଂଶୁ ଦାସ, ସଞ୍ଜୟ ପରିଡା, ମହାଦେବ ଖାଲକୋ, ଅନୀଲ କୁମାର ମହାନ୍ତି, ସୁଶାନ୍ତ ବିଶ୍ୱାଳ, ସୁଲେମାନ ଟପ୍ପୋ ଏବଂ ଧୂଚୁ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କ ପିତୃ ବିୟୋଗରେ ସଚେତନ ନାଗରିକ ମଂଚ ପକ୍ଷରୁ ଶୋକ ପ୍ରକାଶ

ରାଉରକେଲା,୨୭/୭(ନି/ପ୍ର): ରାଉରକେଲା ସଚେତନ ନାଗରିକ ମଂଚର ବରିଷ୍ଠ ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାଶଙ୍କ ପିତା ଡ. ବଂଶୀଧର ଦାଶ (୮୨)ଙ୍କ ଗତ ଶନିବାର ଅପରାହ୍ଣରେ ପରଲୋକ ଘଟିଛି। ସେ ଜଣେ ଅମାୟିକ ବ୍ୟକ୍ତିତ୍ୱ ତଥା ଜଣେ ସାହିତ୍ୟିକ ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ରାଉରକେଲା ସଚେତନ ନାଗରିକ ମଂଚ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ମଂଚର ସଭାପତି ଇଂ ଅଭୟ କୁମାର ଦାସ, ସାଧାରଣ ସମ୍ପାଦକ ପି.ପି.ରାୟ, ଜଗବନ୍ଧୁ ଜେନା, ଚିତରଞ୍ଜନ ଦାସ, ଜଟାଧାରୀ ମାଝୀ, କୁଞ୍ଜବିହାରୀ ରାଉତ, ଶଶଧର ପାତ୍ର, ରମେଶ ଚନ୍ଦ୍ର ସେଠୀ, ସୁବ୍ରତ କୁମାର ମଲ୍ଲିକ, ଜଗନ୍ନାଥ ରାଉତ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ବିଜୟ ବରାଳ, ରାଜକିଶୋର ମିଶ୍ର, ସସ୍ମିତା ପ୍ରଧାନ, ଶୈଳେନ୍ଦ୍ର କୁମାର ମହାନ୍ତିଙ୍କ ସମେତ ମଂଚର ବହୁ ସଦସ୍ୟ ଡ.ବଂଶୀଧର ଦାଶଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହିତ



ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରି ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

# ଘରୋଇ ରନ୍ଧନ ଗ୍ୟାସ ଲିକ୍ :

## ଗ୍ୟାସ୍ ପାଇପରେ ନିଆଁ ଲାଗି ବାପା ଓ ପୁଅ ଆହତ



ରାଉରକେଲା,୨୭/୭(ନି/ପ୍ର): ବିଶ୍ରା ବ୍ଲକ ଅନ୍ତର୍ଗତ ଝିରପାଣି ଗ୍ରାମପଚାଂୟତର ଆଚାର୍ଯ୍ୟ କଲୋନୀ ସ୍ଥିତ ଭଡା ଘରେ ରହୁଥିବା ସନ୍ତୋଷ ପୃଷ୍ଟି ଆଜି ଦିନ ୧୨ଟା ସମୟରେ ରୋଷେଇ କରୁଥିବା ସମୟରେ ଗ୍ୟାସ ପାଇପ୍ ଲିକ ହୋଇଯାଇଥିଲା। ହଠାତ୍ ପାଇପାରେ ନିଆଁ ଲାଗି ଯାଇଥିଲା। ଘଟଣା ସ୍ଥଳରେ ସନ୍ତୋଷ ପୃଷ୍ଟିଙ୍କ ସାନ ପୁଅ ଗୌରଭ ପୃଷ୍ଟି ନିଆଁ ଆୟନ୍ତ କରିବାକୁ ଦୌଡି ଆସିଥିଲେ। ତେବେ ସେ ନିଆଁ ସଂସ୍ପର୍ଶରେ ଆସିବା ଦ୍ୱାରା ତାଙ୍କ ହାତ ଓ ମୁହଁ ଜଳି ଯାଇଥିବା ବେଳେ ସନ୍ତୋଷ ପୃଷ୍ଟିଙ୍କ ଦୁଇ ହାତ ଓ ମୁହଁ ମଧ୍ୟ ନିଆଁ ଲାଗି ଜଳି ଯାଇଥିଲା। ସ୍ଥାନୀୟ ଲୋକମାନେ ଅଗ୍ନିଶମ ବାହିନୀକୁ ଫୋନ୍ କରିବା ଦ୍ୱାରା ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଚିଂ ନିଆଁକୁ ଆୟତ କରିଥିଲେ। ଘଟଣା ସ୍ଥଳରୁ ସ୍ଥାନୀୟ ଲୋକମାନେ ପ୍ରଥମେ ସିଡବ୍ଲୁଏସ୍ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଦେଖି ମନା କରିଦେବାରୁ, ତାଙ୍କୁ ଇସ୍ପାତ ଜେନେରାଲ୍ ହସ୍ପିଟାଲକୁ ନିଆ ଯାଇଥିଲା। ସନ୍ତୋଷ ପୃଷ୍ଟିଙ୍କ ଘରେ ନିଆଁ ଲାଗିବା ଦ୍ୱାରା ତାଙ୍କର ଫ୍ୟାନ, କୁଲର, ରାସନ ସାମଗ୍ରୀ ତଥା ଅନ୍ୟାନ୍ୟ ଆସବାବପତ୍ର ଜଳି ପାଉଁଶ ହୋଇଯାଇଛି। ସନ୍ତୋଷ ପୃଷ୍ଟି ଏବଂ ତାଙ୍କ ପୁଅ ଗୌରବ ପୃଷ୍ଟି ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି।

# ପଦ୍ମାଳୟା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ପବିତ୍ର ଅଧର ପଣା ଦିବସରେ ପ୍ରସାଦ ବିତରଣ

ରାଉରକେଲା,୨୭/୭(ନି/ପ୍ର): ପଦ୍ମାଳୟା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଆଜି ପବିତ୍ର ଅଧର ପଣା ଉପଲକ୍ଷେ ରାଉରକେଲାର ସେକ୍ଟର -୩ ସ୍ଥିତ ବାହୁଡ଼ା ରଥ ଯାତ୍ରାରେ ତିନି ରଥଙ୍କ ସମ୍ମିଳିତ ପଡ଼ିଆରେ ଅନୁଷ୍ଠାନର ସଦସ୍ୟମାନେ ନିଜର ସହଯୋଗରେ ରନ୍ଧନ କରା ଯାଇ ଥିବା ସୁସ୍ୱାଦୁ ପ୍ରସାଦ ଭକ୍ତମାନଙ୍କୁ ବିତରଣ କରିଥିଲେ । ଏହି ପ୍ରସାଦ ପାଇବା ପାଇଁ ଭକ୍ତ ମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ଓ ଆନନ୍ଦ ମନରେ ପ୍ରସାଦ ସେବନ କରି ଥିଲେ। ଗତ ୨୨ ତାରିଖ ଦିନ



ସେକ୍ଟର-୫ ସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟରେ ମାନ୍ୟବର ରଘୁନାଥପଲ୍ଲୀ ବିଧାୟକ ଦୂର୍ଗା ତନ୍ତୀଙ୍କ ଉଦ୍ୟୋଗରେ ନରେନ୍ଦ୍ର ମୋଦୀ ସେବା ସଙ୍କଳ୍ପ ଦ୍ୱାରା କରା ଯାଇ ଥିବା ପ୍ରସାଦ ବିତରଣ ସେବାରେ ଆମ ସଂଗଠନର ସଦସ୍ୟମାନେ ସାହାଯ୍ୟ କରିଥିଲେ । ଏହି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦିକା ନିଶି ପଦ୍ମା ନନ୍ଦଙ୍କ ପ୍ରଚେଷ୍ଟାରେ ବିବିଧ ସାମାଜିକ, ସେବା କାର୍ଯ୍ୟ, ସାଂସ୍କୃତିକ ଓ ସଙ୍ଗୀତ କାର୍ଯ୍ୟକ୍ରମ କରା ଯାଉଛି। ସଂଗଠନର ସଭାପତି ବିଭୁ ପ୍ରସାଦ ନାୟକଙ୍କ ସହଯୋଗ ଓ ମାର୍ଗଦର୍ଶନରେ ପ୍ରସାଦ ବିତରଣ ସେବା କାର୍ଯ୍ୟ କରାଯାଇ ଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ସଂଗଠନର ଉପସଭାପତି ଗଙ୍ଗାଧର ଦାଶ, ସାଧାରଣ ସମ୍ପାଦିକା ନିଶି ପଦ୍ମା ନନ୍ଦ, ସଂଗଠନ ମନ୍ତ୍ରୀ ମୁକ୍ତିକାନ୍ତ ବେହେରା , କୋଷାଧକ୍ଷ ଶଶାଙ୍କ ପଣ୍ଡା, ଅଶୋକ ପଟେଲ, ମିନତୀ ତ୍ରିପାଠୀ, ବିଷ୍ଣୁପ୍ରିୟା ଦାଶ, ମଞ୍ଜୁଲତା ମୋହିନୀ, ନିରୁପମା ନାୟକ, ମମତା ବାରିକ ଡିମ୍ପଲ ସାହୁ, ଅନନ୍ତ ବରିହା, ମୀରା ପାଣିଗ୍ରାହି ଓ ସନ୍ଧ୍ୟା ପଣ୍ଡା ପ୍ରସାଦ ବିତରଣରେ ସାହାଯ୍ୟ କରିଥିଲେ ।

# ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ତିରୋଧାନ ଦିବସ ପାଳିତ

ରାଉରକେଲା,୨୭/୭(ନି/ପ୍ର): ଓଡ଼ିଆ ଭାଷା ବିକାଶ ମଂଚ, ରାଉରକେଲା ଆନୁକୂଲ୍ୟରେ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ତିରୋଧାନ ଦିବସ ସେକ୍ଟର-୧୫ସ୍ଥିତ କମ୍ୟୁନିଟି ସେଣ୍ଟର ସମ୍ମୁଖରେ ଥିବା ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତି ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥି ତୁଳସୀ ବଲ୍ଲଭ ମହାନ୍ତ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରି କହିଥିଲେ ଯେ, ପଣ୍ଡିତ ଗୋଦାବରୀଶ ମିଶ୍ର ଓଡ଼ିଶାର ଜଣେ ବିଶିଷ୍ଟ ଜନସେବୀ, ରାଜନୀତିଜ୍ଞ, କବି, ନାଟ୍ୟକାର ଓ ଗାଳ୍ପିକ ଭାବେ ଓଡ଼ିଆ ଜାତୀୟ ଜୀବନର ଜଣେ ବାସ୍ତବ କଥାକାର ଥିଲେ। ମଂଚର ସାଧାରଣ ସମ୍ପାଦକ ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସାନ୍ନିଧ ଗୋଦାବରୀଶ ମିଶ୍ରଙ୍କ ପାଇଁ ଅମରବର ତୁଲ୍ୟ ଥିଲା। ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ, ମହତ ଚିନ୍ତାଧାରା ତଥା ଉଦାର ମାନବିକତା ତରୁଣ ଗୋଦାବରୀଶଙ୍କୁ ଉଦ୍ ?ବୁଦ୍ଧ କରିଥିଲା। ସତ୍ୟବାଦୀ ଯୁଗ ଓ ବନ ବିଦ୍ୟାଳୟର ମୁଖ୍ୟ ଆଦର୍ଶ ଥିଲା ଜାତୀୟ ପ୍ରାଣତା




ଓ ଦେଶାତ୍ମବୋଧ। ସାହିତ୍ୟ ସୃଷ୍ଟି ସହିତ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ ଜଣେ ନିଷ୍ଠାବାନ ସେନାପତି ଥିଲେ ବୋଲି ସେ ମତ ରଖିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଫୁଲ୍ଲ କୁମାର ସାମଲ, ସମୀର ରଞ୍ଜନ ଦାଶ, ମନୋଜ ପ୍ରଧାନ, ବ୍ରହ୍ମାନନ୍ଦ ନାୟକ, ନାରାୟଣ ଚନ୍ଦ୍ର ମହାନ୍ତ, ପ୍ରତାପ କୁମାର ସ୍ୱାଇଁ ଓ ହରିଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତିରେ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ।

# ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର

ରାଉରକେଲା,୨୭/୭: ସହରର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସଭାପତି ପ୍ରସନ୍ନ କୁମାର ସାବତଙ୍କ ଅଧ୍ୟକ୍ଷତା, ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱ ଓ କବିତା ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ଆସରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ରାଉରକେଲା ଇସ୍ପାତ କାରଖାନାର ମହାପ୍ରବନ୍ଧକ ଗୁରୁ ଚରଣ ପଟ୍ଟନାୟକ , ମୁଖ୍ୟବକ୍ତା ଭାବେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ରଥଯାତ୍ରା : ଆଧ୍ୟାତ୍ମିକ, ପରମ୍ପରା ଓ ଲୋକସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ରଥ, ଜଗନ୍ନାଥ, ମହୋଦଧି, ଶ୍ରୀମନ୍ଦିର ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡା ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ ଉତ୍କଳ ର ପ୍ରକୃତ ରାଜା ହେଉଛନ୍ତି ଶ୍ରୀଜଗନ୍ନାଥ । ସେହିପରି ରଥଯାତ୍ରାର ଅନ୍ୟନାମ ହେଉଛି ପତିତପାବନ ଯାତ୍ରା। ଇନ୍ଦ୍ରୀୟ ଏପଟ ଘୋଡା କିପରି ରଥରେ ଯୋଚା ଯାଇଛି, ଶରଧାବାଲି ର ତନ୍ତ୍ର ଓ ଉପନିଷଦରେ କପରି ରଥ ତତ୍ତ୍ୱ ସେ ସମ୍ପର୍କରେ ବିସ୍ତୃତ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ ।ସଭାପତି ଶ୍ରୀ ସାବତ ଅତିଥି ପରିଚୟ ସଙ୍ଗେ ସଙ୍ଗେ ସ୍ୱାଗତ ଭାଷଣ ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ କିଶୋରୀ ମୋହନ କର 'ପୋଷ୍ୟ' ଶୀର୍ଷକ ଗଳ୍ପ ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ମଞ୍ଜୁଳା କୁମାରୀ ରଥ ଓ ସତ୍ୟ ଦାଶଙ୍କ ସଂଯୋଜନାରେ କରିଥିଲା ବେଳେ କବୀ ଦିପ୍ତୀ ମହାନ୍ତି, ସୁଭାଷିନୀ ସାହୁ, ବଳରାମ ଦାଶ, ସଂଯୁକ୍ତା ଦାଶ, ଅଶୋକ କୁମାର ପଟ୍ଟନାୟକ, କିଶୋରୀ ମୋହନ କର, ଜ୍ଞାନ ରଞ୍ଜନ ମିଶ୍ର, ନିକୁଞ୍ଜ ବିହାରୀ ଦାଶ, ବ୍ରହ୍ମାନନ୍ଦ ପାଢ଼ୀ, ସ୍ନେହ ପ୍ରିୟ ବଳ, ସଞ୍ଜୟ କୁମାର ଦେ ଓ ସଂଯୋଜକ ଦ୍ୱୟ କବିତା ପାଠ କରିଥିଲେ । ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଶ୍ରୀ ଆଚାର୍ଯ୍ୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ ଏବଂ କାର୍ଯ୍ୟକାରୀ ସଭାପତି ସୁବାସ ମହାପାତ୍ର ପ୍ରାକ କଥନ ରଖିଥିଲେ । ଶେଷରେ ପ୍ରିୟା ପାତ୍ର



ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ବିଭୁଦନ୍ତ ବେହେରା, ନିରୁପମା ଚାନ୍ଦ, କମଳ ଆଚାର୍ଯ୍ୟ, ରମେଶ ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ରାଉତ,ଗୌତମ ଦାସ, ଶ୍ରୀକାନ୍ତ ପାଣିଗ୍ରାହୀ, ଶରତ କୁମାର ସ୍ୱାଇଁ, ଗୀତାଞ୍ଜଳି ମହାରଣା, କୌଶଲ୍ୟା ମହାରଣା, ପ୍ରଭାଷିନୀ ସାହୁ, ଭୁବନେଶ୍ୱରୀ ମହାପାତ୍ର, ରାଜଲକ୍ଷ୍ମୀ ସେନାପତି, ଅଜୟ ମହାନ୍ତି, ବସନ୍ତ କୁମାର ମହାରଣା, ସଞ୍ଜୟ କୁମାର ମିଶ୍ର, ସଂଗ୍ରାମ ପ୍ରିୟ ତନ୍ତୀ, ଶ୍ରେୟାନ୍ସି ନାୟକ, ଶର୍ମିଷ୍ଠା କବି ଶତପଥି, ନିରୁପମା ନାୟକ, ଅଜୟ କୁମାର ପ୍ରଧାନ ତ୍ରିଲୋଚନ ମିଶ୍ର, ସୁନୀଲ ମହାନ୍ତି, ବିଜୟ କୁମାର ବରାଳ, ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କେଶବ ନଗର ଶାଖାର ବ୍ୟକ୍ତି ନିର୍ମାଣରେ ଗୁରୁଙ୍କ ଭୂମିକା ଆଲୋଚନାଚକ୍ର



ରାଉରକେଲା,୨୭/୭(ନି/ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେଶବ ନଗର ଶାଖା ଓ ସେକ୍ଟର ୬ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଗୁରୁପୂର୍ଣ୍ଣିମା ଉପଲକ୍ଷେ ବ୍ୟକ୍ତି ନିର୍ମାଣରେ ଗୁରୁଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ତଥା ଶାଖାର ସମ୍ପାଦିକା ସୁସ୍ମିତା ମହାପାତ୍ରଙ୍କ ସଂଯୋଜନା ଓ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ହରମୋହନ ମିଶ୍ର, ବିଷୟ ବିଶେଷଜ୍ଞ ଭାବେ ଶିକ୍ଷାବିତ୍ ତାରିଣୀ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ମହାକୁଡ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବ୍ରଜେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଷୟ ବିଶେଷଜ୍ଞ ତଥା ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଚରିତ୍ର ଗଠନ,ଦେଶମାତୃକା ପ୍ରତି ସମର୍ପିତ ଭାବ, ବିଦ୍ୟାଳୟ ଓ ଗୁରୁଙ୍କ ପ୍ରତି ସମ୍ମାନବୋଧ, ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସମନ୍ୱୟ,ସମୟକୁ ସମ୍ମାନ, ବୃକ୍ଷ ରୋପଣ,ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସ୍ନେହଲତା ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଂଗୀତ, ସଭାପତି ଶ୍ରୀ ରାଉତ ପ୍ରାକ୍ କଥନ, ଅନୁଷ୍ଠାନର ନୂତନ ସଭ୍ୟ କବି ଗୌତମ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲା ବେଳେ ଅନ୍ୟତମ ବରିଷ୍ଠ ଶିକ୍ଷୟିତ୍ରୀ ବବିତା କୁମାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ନେହଲତା ସାହୁ,ଅନିମା ମିଶ୍ର, ପୁଷ୍ପଲତା ପ୍ରଧାନ, ଶକୁନ୍ତଳା ତ୍ରିପାଠୀ ,ସ୍ୱାଗତିକା ବେହେରା, ମାହେଶ୍ୱରୀ ବେହେରା, ସୁକନ୍ୟା ପାଣ୍ଡିଆ,ଅନିମା ଲାକ୍ରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିଟ୍ ଟପ୍ପର ନିଶ୍ଚଳ ମହାନ୍ତିଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୨୭/୭(ନି/ପ୍ର): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅର୍ନ୍ତଗତ ପି.ଏମ.ଶ୍ରୀ କାଦବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ନିଟ୍ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ର ନିଶ୍ଚଳ ମହାନ୍ତିଙ୍କୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ ସମ୍ମାନିତ କରାଯାଇଛି। ନିଶ୍ଚଳ ନିଟ୍ ପରୀକ୍ଷାରେ ୬୪୧ ନମ୍ବର ରଖି ସର୍ବ ଭାରତୀୟ ସ୍ତରରେ ୨୧୨୭ ରେଙ୍କ ହାସଲ କରି ବିଦ୍ୟାଳୟ, ଅଚଂଳ, ବନ୍ତ ଓ ଭଦ୍ରକ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଶିକ୍ଷକ ଅମୃତଲାଲ ମହାନ୍ତି ଏବଂ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତିଙ୍କ ସୁପୁତ୍ର। ଏହି ଅବସରରେ ପି.ଏମ.ଶ୍ରୀ କାଦବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିମଳ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରାକ୍ତନ ସରପଂଚ ଭାଗିରଥୀ ସେଠୀ, ରବି ନାରାୟଣ ମହାନ୍ତି, ଶିକ୍ଷାବିତ୍ ସଞ୍ଜୟ କୁମାର ମଜମୁଦାର, ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପୁରୀ, ଆଲୁମିନୀ କମିଟି ସଭାପତି ସୁବଳ କାନ୍ତ ପଣ୍ଡା, ଭଗବାନ ଗିରି, ସରୋଜ କୁମାର ବେହେରା, ସ୍ୱପ୍ନାଲୋକ ସୂତାର, ପ୍ରତାପ ମଲ୍ଲିକ, ମାନସ ସ୍ୱାଇଁ, କ୍ଷିରୋଦ କୁମାର ଦାସ, ଆଶିଷ କୁମାର ବିଶ୍ୱାଳ, ରାଜକିଶୋର ଜେନା, ଜ୍ଞାନ ରଞ୍ଜନ ଖଣ୍ଡେଇ ପ୍ରମୁଖ ଉପସ୍ଥିତ ଥିଲେ ରହି ନିଶ୍ଚିଳଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ନିଶ୍ଚଳଙ୍କ ସଫଳତାକୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଅଧ୍ୟବସାୟ , ନିଷ୍ଠା ଓ କଠିନ ପରିଶ୍ରମ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ବୋଲି ମତ ପ୍ରକାଶ କରିଥିଲେ । ନିଶ୍ଚଳ ମଧ୍ୟ ନିଜ ସଫଳତାର ଶ୍ରେୟ ନିଜ ପିତାମାତା , ଶିକ୍ଷକ ଓ ପରିବାର ବର୍ଗଙ୍କୁ ଦେଇଛନ୍ତି । ଭବିଷ୍ୟତରେ ଜଣେ ସଫଳ ଡାକ୍ତର ହୋଇ ସମାଜ ଓ ଗ୍ରାମାଂଚଳରେ ସେବା କରିବାକୁ ନିଶ୍ଚଳ ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି । ଏହା ସହ ସମାଜରେ ସବର୍ଦା ଆବଶ୍ୟକୀୟମାନଙ୍କୁ ସହାୟଦା ପ୍ରଦାନ କରିବେ ବୋଲି ସେ କହିଥିଲେ।

# ଆରଏସପିର ହଟ୍ ଷ୍ଟ୍ରିପ୍ ମିଲ୍-୨ର ସିଟ୍ ଶିୟରିଂ ଲାଇନ୍ ଦ୍ୱାରା ନୂତନ ଶିୟରିଂ ରେକର୍ଡ ସୃଷ୍ଟି, ଏଚଆର୍ ପ୍ଲେଟ୍ ଉତ୍ପାଦନ ବୃଦ୍ଧି



ରାଉରକେଲା,୨୭/୭(ନି/ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ ର ସିଟ୍ ଶିୟରିଂ ଲାଇନ୍, ଜୁଲାଇ ୨୪ ତାରିଖ ଶିଫ୍ଟ ସମୟରେ ୨୬ଟି କୋଏଲ୍ ସମୁଦାୟ ୬୫୬ ଟନ୍ ଶିୟରିଂ କରି ଏକ ନୂତନ ଶିଫ୍ଟ ରେକର୍ଡ ହାସଲ କରିଛି। ଏହା ପୂର୍ବରୁ ଅଗଷ୍ଟ ୧୧ ତାରିଖ ୨୦୨୫ରେ ଶିଫ୍ଟରେ ହୋଇଥିବା ୨୫ଟି କୋଏଲ୍ ଓ ୬୨୭ ଟନ୍ ର ସର୍ବଶ୍ରେଷ୍ଠ ଶିଫ୍ଟ ଶିୟରିଂ ରେକର୍ଡକୁ ଅତିକ୍ରମ କରିଛି। ସମସ୍ତ ସେବା ଏବଂ ସଂଶ୍ଳିଷ୍ଟ ସଂସ୍ଥାଗୁଡ଼ିକର ନିରନ୍ତର ସହଯୋଗ ଯୋଗୁଁ ଏହି ସଫଳତା ହାସଲ ହୋଇପାରିଛି। ବିଶେଷ ଭାବରେ, ସିଟ୍ ଶିୟରିଂ ଲାଇନ୍ ଏଚଆର୍ ପ୍ଲେଟ୍ ଉତ୍ପାଦନ କରେ, ଯାହା ଆରଏସପି ର ଫ୍ଲାଟ୍ ଉତ୍ପାଦ ବାସ୍କେଟ୍ ପୋର୍ଟଫୋଲିଓରେ ଏକ ଉଚ୍ଚ ନେଟ୍-ମାର୍ଜିନ୍ ଯୁକ୍ତ ଉତ୍ପାଦ ଏବଂ ନିରନ୍ତର ଏଚଆର୍ ପ୍ଲେଟ୍ ଉତ୍ପାଦନ କରିବା କାରଖାନାର ଲାଭଦାୟକତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗତ ମାସରେ ଏଚଆର୍ ପ୍ଲେଟ୍ ଉତ୍ପାଦନ ୨୭,୪୯୬ ଟନ୍ ଥିଲା ଏବଂ ଏପ୍ରିଲ୍-ଜୁନ୍ ପ୍ରଥମ ତିନି ମାସରେ ଏଚଆର୍ ପ୍ଲେଟ୍ ଉତ୍ପାଦନ ୮୨,୫୧୪ ଟନ୍ ଥିଲା। ସମ୍ପ୍ରତି ଚାଲୁ ରହିଥିବା ପ୍ରକ୍ରିୟା ଅପ୍ଟିମାଇଜେସନ୍ ଏବଂ ପ୍ରଭାବଶାଳୀ ଶିୟରିଂ ପଦ୍ଧତି ସହିତ, ସିଟ୍ ଶିୟରିଂ ଲାଇନ୍ ଚଳିତ ମାସର ଏଚଆର୍ ପ୍ଲେଟ୍ ଉତ୍ପାଦନ ଲକ୍ଷ୍ୟ ୩୪,୦୦୦ ଟନ୍ ହାସଲ କରିବା କିମ୍ବା ଏହାକୁ ଅତିକ୍ରମ କରିବା ନେଇ ଆଶା ରଖିଛି।